ବସ୍‌ଗୁଡିକରେ ର୍‍ୟାମ୍ପ୍ ସୁବିଧା ରହିଥିବାବେଳେ ଏହା ସାହାଯ୍ୟରେ ଦିବ୍ୟାଙ୍ଗ ଯାତ୍ରୀମାନେ ହ୍ୱିଲ ଚେୟାର ସହିତ ଯାତ୍ରା କରିପାରିବେ। ଏସ୍‌ଜେଟିଏ ବସ୍‌ର ଭଡ଼ା ସାଧାରଣ ମୋ ବସ୍ ଭଡ଼ା ଭଳି ଥିବାବେଳେ ଡବଲ ଡେକର ବସ୍‌ର ସର୍ବନିମ୍ନ ଭଡ଼ା ୩୦ ଟଙ୍କା ଓ ସର୍ବାଧିକ ୧୭୦ ଟଙ୍କା ରହିଛି ଏବଂ ଏହା ଏକ୍ସପ୍ରେସ୍ ଭଳି ଗତି କରିବ। ସେପରି ହପ୍ ଅନ୍ ହପ୍ ଅଫ୍ ଇ-ବସ୍‌ରେ ମାତ୍ର ୨୦୦ ଟଙ୍କା ମୂଲ୍ୟରେ ଟିକେଟ ପାସ୍ ରହିଥିବାବେଳେ ଏହାଦ୍ୱାରା ଯାତ୍ରୀମାନେ ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନବରତ ଯାତ୍ରା କରିବାର ସୁଯୋଗ ନେଇପାରିବେ। ଏସବୁ ବସ୍ ବାୟୁମଣ୍ଡଳରୁ ବହୁମାତ୍ରାରେ କାର୍ବନ ନିର୍ଗମନ ହ୍ରାସ କରିବା ସହ ଟ୍ରାଫିକ ସମସ୍ୟାକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ବିଶେଷକରି ପର୍ଯ୍ୟଟକଙ୍କ ଯାତାୟାତ ଲାଭଦାୟକ ହେବ। ଏଥିସହ ରାଜ୍ୟର ଜଣେ ସାଧାରଣ ଯାତ୍ରୀଟିଏ ମଧ୍ୟ ଏହି ସେବାର ଅନୁଭୂତି ନେଇପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ, ପ୍ରଶାନ୍ତ ଜଗଦେବ, ଉନ୍ନୟନ କମିଶନର ଅନୁ ଗର୍ଗ, ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ବସ୍ ପରିଚାଳନା କରୁଥିବା କ୍ରୁଟ୍ ଏହି ଡବଲ ଡେକର ବସ୍‌ର ମଧ୍ୟ ପରିଚାଳନା କରୁଛି। ଏହି ବସ୍‌ରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ପରେ ନିୟମିତ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

# ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବୁଲିଲେ ଜୟଶଙ୍କର

## ମହାପ୍ରଭୁଙ୍କୁ ଦର୍ଶନ କଲେ

କୋଣାର୍କ/ପୁରୀ, ୭।୧(ଜ୍ୟୋତିରାଜ ମହାନ୍ତି/ ଅଜିତ କୁମାର ମହାନ୍ତି)

ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା କେନ୍ଦ୍ର ବର୍ହିବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ମଙ୍ଗଳବାର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ଏଥିସହ ସେ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଜୟଶଙ୍କର କୋଣାର୍କ ଆସି ରାମଚଣ୍ଡୀ ସାହୁଖଣ୍ଡତାଠାରେ ଆୟୋଜିତ ଇକୋ ରିଟ୍ରିଟ୍‌ଠାରେ ରାତ୍ରିଯାପନ କରିଥିଲେ। ସେଠାରୁ ସେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଆସି ବ୍ୟାଖ୍ୟାନ କେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସେ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କିମ୍ବଦନ୍ତୀ ଓ ଇତିହାସ ଉପରେ ପର୍ଯ୍ୟବସିତ ପ୍ରାମାଣିକ ଚିତ୍ର ଦେଖିଥିଲେ। ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର ଐତିହ୍ୟ, ସ୍ଥାପତ୍ୟ, କଳାକୃତି, ଭାସ୍କର୍ଯ୍ୟ ଓ ସଂସ୍କୃତି ଅତୀବ ପ୍ରାଚୀନ ଏବଂ ଅଦ୍ୱିତୀୟ ବୋଲି ଅଭିହିତ କରିଥିଲେ। ସେହିପରି ମଧ୍ୟାହ୍ନରେ ଜୟଶଙ୍କର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ସିଂହଦ୍ୱାର ନିକଟରେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା। ସେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତି ଏବଂ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିବା ପରେ ପ୍ରସ୍ଥାନ କରିଥିଲେ। ପରେ ସେ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନରେ ଯାଇଥିଲେ।



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ସହଧର୍ମିଣୀଙ୍କ ସହିତ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର।

# ଦୁର୍ଘଟଣାରେ ବାପପୁଅଙ୍କ ଜୀବନ ଗଲା, ମା' ଗୁରୁତର

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଛତ୍ରପୁର,୭।୧(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ଅରୁଣପୁର ଛକରେ ମଙ୍ଗଳବାର ଏକ ବାଇକ୍‌କୁ ସିମେଣ୍ଟ ବୋଝେଇ ଟ୍ରକ ଧକ୍କା ଦେବାରୁ ବାପା ଓ ୯ ବର୍ଷୀୟ ପୁଅଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଟିଛିଣି ଗାଁର ମୋହନ ରାୟଗୁରୁ ଓ ତାଙ୍କ ପୁଅ ତ୍ରୟୋମ୍ବକ। ଦୁର୍ଘଟଣାରେ ଗୁରୁତର ଆହତ ମୋହନଙ୍କ ସ୍ତ୍ରୀ ଗାୟତ୍ରୀ ରାୟଗୁରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେପଟେ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ରାସ୍ତାରୋକୋ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ମୋହନ ତାଙ୍କ ସ୍ତ୍ରୀ ଓ ପୁଅକୁ ଧରି ବାଇକ୍ ଯୋଗେ ଗଞ୍ଜାମ ବ୍ଲକ ୟୁଡିଏସପୁର ଗାଁକୁ ଯାଉଥିଲେ। ଅରୁଣପୁର ଛକଠାରେ ସେମାନଙ୍କୁ ରମ୍ଭାରୁ ପୁରୀ ଜିଲା ମାଲୁଦକୁ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକ (ନଂ. ଓଆର ୦୭ଜେ ୬୪୬୦) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମା' ବାପାଙ୍କ ସମ୍ମୁଖରେ ତ୍ରୟୋମ୍ବକଙ୍କ ଜୀବନ ଚାଲିଯାଇଥିଲା। ଗୁରୁତର ଆହତ ମୋହନ ଓ ଗାୟତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ଲାଗି ଦମ୍ପତିଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୋହନଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଗାୟତ୍ରୀଙ୍କ ଉତ୍ତମ ଚିକିତ୍ସା ଏବଂ ପରିବାରର ଭରଣପୋଷଣ ଦାବି ନେଇ ଟିଛିଣି ଓ ଅରୁଣପୁର ଗ୍ରାମର ଯୁବକମାନେ ଅରୁଣପୁର ଗ୍ରାମସ୍ଥିତ ଅଲେଶ୍ୱର ମନ୍ଦିର ଛକ ନିକଟରେ ସନ୍ଧ୍ୟାରେ ରାସ୍ତାରୋକୋ କରିଛନ୍ତି । ଘଟଣାସ୍ଥଳରେ ହୁମ୍ମା ଫାଣ୍ଡି ଓ ରମ୍ଭା ପୋଲିସ ଏବଂ ଗଞ୍ଜାମ ଏମ୍‌ଭିଆଇ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

# ଦେଶ ସୁରକ୍ଷାରେ ଆଇଟିବିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଇଟିବିପିର ୬୩ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୭।୧(ପ୍ରଭାତ ପାଣିଗ୍ରାହୀ)

ଦେଶ ସୁରକ୍ଷାରେ ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସୀମାରେ ଆଇଟିବିପି ଯବାନ ନିୟୋଜିତ ରହିଥିବା ପର୍ଯ୍ୟନ୍ତ ଦେଶ ସୁରକ୍ଷିତ ରହିଥିବ ବୋଲି ଦେଶବାସୀଙ୍କ ବିଶ୍ୱାସ ରହିଛି। ଦେଶପାଇଁ ବଳିଦାନ ଦେଇଥିବା ଯବାନଙ୍କ ଯଥୋଚିତ ସମ୍ମାନ ଦେବା ଭାରତୀୟ ପରମ୍ପରା ରହିଛି। ଶହୀଦଙ୍କୁ ଯଥୋଚିତ ସମ୍ମାନ ଲକ୍ଷ୍ୟରେ ଆଇଟିବିପି ପକ୍ଷରୁ ୧୬୪ ସଡ଼କ, ଉଦ୍ୟାନ ନାମକରଣ କରାଯାଇଛି। ଏଥିସହିତ ଶହୀଦଙ୍କ ପରିବାରକୁ ସମସ୍ତ ସୁବିଧା ଉପଲବ୍ଧ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରକୁ ଆସିବା ପରେ ଆଇଟିବିପି ଏବଂ ଅନ୍ୟ ସୀମା ସୁରକ୍ଷା ବାହିନୀକୁ ଆଧୁନିକ ଜ୍ଞାନକୌଶଳ ନିର୍ମିତ ଅସ୍ତ୍ରଶସ୍ତ୍ର, ସମସ୍ତ ସୁବିଧା ଉପଲବ୍ଧ ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମତରେ ଦୁର୍ଗମ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆଇଟିବିପିର କାର୍ଯ୍ୟ ପ୍ରଂଶସନୀୟ। ଅତ୍ୟଧିକ ଥଣ୍ଡାରେ ହିମ ଅଞ୍ଚଳରେ ୧୩ହଜାର ଉଚ୍ଚରେ ପରିବାରଠାରୁ ଦୂରରେ ରହି ଦେଶ ସୁରକ୍ଷା ପ୍ରତି ରହିଥିବା ପ୍ରତିବଦ୍ଧତା, ଦେଶଭକ୍ତିର ପ୍ରମାଣ ଦିଏ। ତେଣୁ ଆଇଟିବିପି ଯବାନଙ୍କୁ ଦେଶବାସୀ ହୀମବୀର ସମ୍ମାନର ଉପାଧି ଦେଇଛନ୍ତି। ଯବାନଙ୍କ ଅଦମ୍ୟ ସାହାସ, ସଙ୍କଳ୍ପ, ନିଷ୍ଠା ଦେଶର ସୀମାକୁ ସୁରକ୍ଷିତ ରଖିଛି ବୋଲି ଖୋର୍ଦ୍ଧା ତରତୁଆସ୍ଥିତ ୪୧ବାଟାଲିୟନ ୟୁନିଟ୍ କ୍ୟାମ୍ପସରେ ଆୟୋଜିତ ଆଇଟିବିପିର ୬୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗଦେଇ ଏହା କହିଛନ୍ତି।

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ଛତିଶଗଡ଼ରେ ନକ୍ସଲଙ୍କୁ ଦମନ ସହ ସେଠାକାର ଯୁବକଙ୍କୁ ସ୍ୱରୋଜଗାର ଯୋଗାଇବାରେ ଆଇଟିବିପି କାର୍ଯ୍ୟ ପ୍ରଂଶସନୀୟ। ଡିଜିଟାଲ ଯୁଗରେ ଆଇଟିବିପିକୁ ଅଧିକ କ୍ରିୟାଶୀଳ, ଆଧୁନିକୀକରଣ ପାଇଁ ଗୃହ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। ଏହି ଅବସରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାୟ ହୀମବୀରଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁଉଜାସ-୨୦୨୫ (ସଶକ୍ତ ହୀମବୀର-ସୁସ୍ଥ ପରିବାର) ଯୋଜନା ସମେତ ଏକାଧିକ ପ୍ରକଳ୍ପ ଇ-ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ଆଇ ସଞ୍ଜୟ କୁମାର ଗୁଞ୍ଜାଲ, ଡିଆଇଜି ଅଶ୍ୱିନ କୁମାର ଏବଂ ରଣବୀର ସିଂଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ସମ୍ମାନରେ ସମ୍ମାନିତ କରିଥିଲେ। ଏଥିସହିତ ଶ୍ରେଷ୍ଠସୀମା ସୁରକ୍ଷା ବାହିନୀ ଭାବେ ୧୫ବାଟାଲିୟନ ସିଇଓ ଭି.ଏନ୍ ଥାପା, ସ୍ୱଚ୍ଛତା ପାଇଁ ୫୬ବାଟାଲିୟନ ସିଇଓ ଧର୍ମେନ୍ଦ୍ର କୁମାର, ରାଜଭାଷା ପାଇଁ ୩୮ବାଟାଲିୟାନ ସିଇଓ ସମନ ବାହାଦୁର ସିଂ ପ୍ରମୁଖ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇଟିବିପି ମହାନିର୍ଦ୍ଦେଶକ ରାହୁଲ ରାସଗୋତ୍ରା ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ସ୍ମାରକୀ ପ୍ରଦାନ କରିଥିଲେ। ଏହି ଅବସରରେ ଯବାନମାନେ ବିଭିନ୍ନ ପରାକ୍ରମ ଦେଖାଇଥିଲେ।

# ପ୍ରସିଦ୍ଧ ଶୁଲିଆ ଯାତ୍ରା ସମ୍ପନ୍ନ



ଶୁଲିଆ ମୁଖ୍ୟ ପୀଠ ଖଇରଗୁଡ଼ାସ୍ଥିତ ବଡ଼ଖଲାଠାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଛି।

- ବଡ଼ଖଲା, ସାନଖଲାରେ ପଡ଼ିଲା ବଳି
- ରକ୍ତରଞ୍ଜିତ ହେଲା ଶୁଲିଆ ପୀଠ

ବଲାଙ୍ଗୀର/ଦେଓଗାଁ,୭।୧ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ପାରମ୍ପରିକ ପ୍ରସିଦ୍ଧ ଶୁଲିଆ ଯାତ୍ରା ମଙ୍ଗଳବାର ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏହି ପ୍ରସିଦ୍ଧ ଯାତ୍ରାରେ ପଡ଼ିଛି ସହସ୍ରାଧିକ ସଂଖ୍ୟାରେ କୁକୁଡ଼ା, ଛେଳି, ମେଣ୍ଢା, ବତକ, ପାରା ଓ ପୋଢ଼ ବଳି। ରକ୍ତରଞ୍ଜିତ ହୋଇଛି ଶୁଲିଆ ପୀଠ । ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲତାପଡ଼ା ଗ୍ରାମପଞ୍ଚାୟତର ଖଇରଗୁଡ଼ାସ୍ଥିତ ମୁଖ୍ୟ ଶୁଲିଆ ପୀଠ ବଡ଼ଖଲା ଏବଂ କୁମୁରିଆସ୍ଥିତ ସାନଖଲା ସମେତ ମିର୍ଦ୍ଧାପାଲି ଓ ଜିଲାର ଅନ୍ୟ ସ୍ଥାନରେ ଶୁଲିଆ ଯାତ୍ରା ସମ୍ପନ୍ନ ହୋଇଛି। ସୋମବାର ରାତିରେ ନିଶିପୂଜା ଅନୁଷ୍ଠିତ ହୋଇଥିଲା। ପୌଷଶୁକ୍ଳ ପ୍ରଥମ ମଙ୍ଗଳବାରର ଧାର୍ଯ୍ୟ ଲଗ୍ନରେ ପ୍ରସିଦ୍ଧ ଶୁଲିଆ ଯାତ୍ରା ଆରମ୍ଭ ହୋଇଥିଲା। ଖଇରଗୁଡ଼ା ଗାଁରୁ ବରୁଆମାନେ ପାରମ୍ପରିକ ଢୋଲ, ନିଶାନ ବାଜା ସହ ପାଟବୁକା, ପାଟଟାଙ୍ଗି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମୁଖ୍ୟପୀଠ ଖଇରଗୁଡ଼ାର ବଡ଼ଖଲାକୁ ଆସିଥିଲେ । ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ ପରେ ସିଆଳପତ୍ର ପିନ୍ଧି ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ । ସକାଳ ୭ଟା ସୁଦ୍ଧା ମୁଖ୍ୟପୀଠ ବଡ଼ଖଲାରେ ପୂଜା ସମ୍ପନ୍ନ ହୋଇଥିଲା। ସେହିପରି ସାନଖଲାରେ ମଧ୍ୟ ପାରମ୍ପରିକ ପୂଜା କାର୍ଯ୍ୟ ଅନୁରୂପ ଭାବେ ସମ୍ପନ୍ନ ହୋଇଥିଲା । ସହସ୍ରାଧିକ ଶ୍ରଦ୍ଧାଳୁ ନଡ଼ିଆ ଭୋଗ, ପୂଜା ସାମଗ୍ରୀ ନେଇ ସେଠାକୁ ଆସିଥିଲେ। ଶୁଲିଆ ପୀଠ ସଂଲଗ୍ନ ସ୍ଥଳରେ ବଳି ଦେବା ଆରମ୍ଭ ହୋଇଥିଲା। କୁକୁଡ଼ା, ଛେଳି, ମେଣ୍ଢା, ପାରା ଓ ପୋଢ଼ ବଳି ଅର୍ପଣ କରାଯାଇଥିଲା। ବଡ଼ଖଲାରେ ୬୦ରୁ ଉର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳି,ମେଣ୍ଢା ଓ କୁକୁଡ଼ା, ପାରା ବଳି ଦିଆଯାଇ ଥିବା ବେଳେ ସାନଖଲାରେ ୪୦ରୁ ଉର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳିମେଣ୍ଢା, କୁକୁଡ଼ା, ପାରା ବଳି ପଡ଼ିଥିବା ଜଣାପଡ଼ିଛି। ଅନେକ ଶ୍ରଦ୍ଧାଳୁ ନଡିଆ ଭୋଗ ଧରି ଉଭୟ ଖଲାରେ ଶୁଲିଆ ବୁଢ଼ାଙ୍କୁ ଦର୍ଶନ କରିଥିଲେ। ବରୁଆମାନଙ୍କୁ ମନସ୍କାମନା ଜଣାଇ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମିଳିତ ଶୁଲିଆ ଯାତ୍ରା ପୂଜା କମିଟି ସଭାପତି ମୟ ପଧାନୀ, ମୁଖ୍ୟ ପୂଜକ ସୋମନାଥ ଦେହେରିଆ, କାଳିନ୍ଦ୍ରୀ ମାଝି ଓ କୁମୁରିଆଠାରେ ତପନ କୁଅଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଖଇରଗୁଡ଼ା ଶୁଲିଆ ପୀଠରେ ମିଳିତ ଶୁଲିଆ ଯାତ୍ରା ପୂଜା କମିଟି ତରଫରୁ ଶୁଲିଆ ଯାତ୍ରାର ମାହାତ୍ମ୍ୟ, ଆଦିବାସୀଙ୍କ ପ୍ରଥା, ପରମ୍ପରା ଓ ସଂସ୍କୃତି ଉପରେ ବର୍ଣ୍ଣନା କରାଯାଇଥିଲା। ଖଇରଗୁଡ଼ା ଶୁଲିଆ ପୀଠକୁ ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯାଇ ଦର୍ଶନ କରିଥିଲେ । ସେହିପରି କୁମୁରିଆ ଶୁଲିଆ ପୀଠକୁ ବରିଷ୍ଠ ବିଜେଡି ନେତା ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯାଇ ଦର୍ଶନ କରିଥିବା ଜଣାପଡ଼ିଛି। ଏହାଛଡା ବହୁ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

ଚଳିତବର୍ଷ ଶୁଲିଆ ମହୋତ୍ସବ ଆୟୋଜନକୁ ନେଇ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ଶୁଲିଆ ଯାତ୍ରା ସମୟରେ ମହୋତ୍ସବ ଆୟୋଜନକୁ ମନା କରାଯାଇଥିଲା। ଫଳରେ ଚଳିତବର୍ଷ ଶୁଲିଆ ପୀଠରେ ମହୋତ୍ସବ ଆୟୋଜନ ହୋଇନାହିଁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ଆଡିଶନାଲ ଏସ୍‌ପି, ୪ ଡିଏସ୍‌ପି, ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର ଉପସ୍ଥିତ ଥିଲେ।



“ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା’ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ

# ଜାରୱା ବଞ୍ଚାଅ

ଭାରତର ୮ଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଆଣ୍ଡାମାନ ନିକୋବର ଦ୍ୱୀପମାଳ ଅନ୍ୟତମ। ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ୧ ନଭେମ୍ବର ୧୯୫୬ରେ ଗଠନ କରାଯାଇଥିଲା। ୫୭୨ଟି ଦ୍ୱୀପକୁ ନେଇ ଗଠିତ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ମାତ୍ର ୩୮ଟିଦ୍ୱୀପରେ ଲୋକ ରହୁଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ଏହାର ଲୋକସଂଖ୍ୟା ଥିଲା ୩,୮୦, ୫୮୧। ସମଗ୍ର ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବବିବିଧତାରେ ପରିପୂର୍ଣ୍ଣ। ଏଠାରେ ଗ୍ରେଟ୍ ଆଣ୍ଡାମାନିଜ, ଓଙ୍ଗେ, ଜାରୱା, ସେଣ୍ଟିନିଲିଜ, ନିକୋବରିଜ ଏବଂ ଶୋମ୍ପେନ ଭଳି ଆଦିବାସୀ ବାସ କରନ୍ତି। ଗ୍ରେଟ୍ ଆଣ୍ଡାମାନିଜ, ଓଙ୍ଗେ, ଜାରୱା, ସେଣ୍ଟିନିଲିଜ ଓ ଶୋମ୍ପେନ ହେଉଛନ୍ତି ପୁରାତନ ଆଦିବାସୀ ବର୍ଗର। ଦକ୍ଷିଣ ଓ ମଧ୍ୟ ଆଣ୍ଡାମାନ ଦ୍ୱୀପର ପଶ୍ଚିମ ଉପକୂଳରେ ରହୁଛନ୍ତି ଜାରୱା। ଏବେ ୧୯ ଜଣ ଜାରୱାଙ୍କୁ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ କରାଯାଇଛି। ସେମାନଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପମାଳର ମୁଖ୍ୟ ଶାସନ ସଚିବ ଚନ୍ଦ୍ର ଭୂଷଣ କୁମାର ଭୋଟର ପରିଚୟ ପତ୍ର ପ୍ରଦାନ କରବା ସହ ଏହାକୁ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଜାରୱା ଆଦିବାସୀଙ୍କ ସଂଖ୍ୟା ଏବେ ୩୪୧ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ ଆଣ୍ଡାମାନ ନିକୋବରରେ ଥିବା ଅନ୍ୟ ପୁରାତନ ଜନଜାତି ଗ୍ରେଟ୍ ଆଣ୍ଡାମାନିଜଙ୍କ ସଂଖ୍ୟା ଏବେ ୫୯, ଓଙ୍ଗେ ୧୧୦, ସେଣ୍ଟିନିଲିଜ ୨୦୦ରୁ କମ୍ ଏବଂ ଶୋମ୍ପେନଙ୍କ ସଂଖ୍ୟା ୩୦୦ରୁ କମ୍ ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଉଲ୍ଲେଖନୀୟ ଯେ, ଜାରୱା ଭୋଟ ଅଧିକାର ପାଇବା ପୂର୍ବରୁ ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରଥମ ଥର ପାଇଁ ଶୋମ୍ପେନ ଜନଜାତିରି ୬୨ ଜଣ ଭୋଟ ଦେଇଥିଲେ। ୨୦୧୯ରେ ଓଙ୍ଗେ ଓ ଗ୍ରେଟ୍ ଆଣ୍ଡାମାନିଜ ପ୍ରଥମ ଥର ଭୋଟ ଦେଇଥିଲେ। ନିକୋବରିଜ ସମ୍ପ୍ରଦାୟ ସବୁଠୁ ଅଧିକ ଭୋଟ ଦେଉଥିବାବେଳେ ସେଣ୍ଟିଲିନିଜଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିନାହିଁ। କାରଣ ସେଣ୍ଟିଲିନିଜମାନେ ତଥାକଥିତ ସଭ୍ୟତା ସହିତ ସମ୍ପର୍କ ସ୍ଥାପନ କରିବାକୁ ଅରାଜି। ତାଙ୍କ ଦ୍ୱୀପକୁ ଯେ କୌଣସି ବ୍ୟକ୍ତି ଯାଇଛନ୍ତି, ସେଠାରୁ ବଞ୍ଚିକରି ଫେରିନାହାନ୍ତି। ସେଣ୍ଟିନିଲିଜମାନେ ଧନୁଶର ଓ ବର୍ଚ୍ଛାରେ ଆକ୍ରମଣ କରି ଅନେକଙ୍କୁ ମାରି ଦେଇଥିବାର ଜଣାଶୁଣା। ଏହା ଫଳରେ ଆଧୁନିକ ସଭ୍ୟତାଠୁ ଦୂରେଇ ରହୁଥିବା ହେତୁ ସେମାନଙ୍କ ପାଖରେ କୌଣସି ଡାକ୍ତର କିମ୍ବା ଔଷଧ ପହଞ୍ଚିପାରେ ନାହିଁ।

> ସରକାର ଜାରୱାଙ୍କୁ ଭୋଟିଂ ଅଧିକାର ଦେଇ ଗଣତନ୍ତ୍ରରେ ସେମାନଙ୍କୁ ଭାଗୀଦାରି କରିବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ପ୍ରାଥମିକତା ହେଉଛି ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ବଂଶରକ୍ଷା କରିବା।

ସେଣ୍ଟିନିଲିଜଙ୍କ ଭଳି ତୀବ୍ର ନହେଲେ ମଧ୍ୟ ଜାରୱା ଓ ଅନ୍ୟ କ୍ଷୁଦ୍ର ଆଦିବାସୀସମୂହ ସଭ୍ୟତା ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହି ଆଦିବାସୀ ଲୋକଙ୍କୁ ଭୋଟ ଅଧିକାର ଦେଇ ସରକାର ବାହାବା ନେଉଛନ୍ତି। କିନ୍ତୁ ଏହା ମଧ୍ୟ ଧ୍ୟାନ ଦେବା ଜରୁରୀ ଯେ, ପୁରାତନ ଜନଜାତିଙ୍କ ସଂଖ୍ୟା କ୍ରମଶଃ କମୁଥିବା ସେମାନଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷ କରି ଜାରୱାଙ୍କ କଥା ବିଚାରକୁ ନେଲେ ଜଣାପଡ଼େ ଯେ, ଇଂରେଜମାନେ ୧୭୮୯ରେ ଆଣ୍ଡାମାନ ନିକୋବରରେ ଉପନିବେଶ ସ୍ଥାପନ କଲା ପରେ ସବୁ ଜନଜାତି ମୁଖ୍ୟତଃ ଜାରୱାଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ଆରମ୍ଭ ହୋଇଥିଲା। ୧୯୭୦ ଦଶକରେ ଜାରୱା ରହୁଥିବା ଅଞ୍ଚଳରେ ଗ୍ରେଟ୍ ଆଣ୍ଡାମାନ ଟ୍ରଙ୍କ ରୋଡ ଯିବାପରଠାରୁ ବିପଦ ଆହୁରି ବଢ଼ିଲା। ୧୯୯୬ରେ ପ୍ରଥମ ଥର ଜଣେ ଆହତ ଜାରୱାଙ୍କୁ ଚିକିତ୍ସା କରିବାକୁ ଯାଇ ସେମାନଙ୍କ ସହ ପ୍ରଥମ ସାମାଜିକ ସମ୍ପର୍କ ସ୍ଥାପନ କରାଯାଇଥିଲା। ପରେ ୧୯୯୯ ଓ ୨୦୦୬ରେ ଭୟଙ୍କର ମିଳିମିଳା ରୋଗରେ ପ୍ରାୟ ୧୦% ଜାରୱାଙ୍କ ମୃତ୍ୟୁ ଘଟିଥିଲା। ଏହି ଜନଜାତିକୁ ମୁଖ୍ୟ ସ୍ରୋତରେ ସାମିଲ କରି ଆଧୁନିକ ସମାଜ ଆଡକୁ ଆଣିବା ପ୍ରକୃତରେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହା ବ୍ୟତୀତ ପର୍ଯ୍ୟଟକମାନେ ସେମାନଙ୍କ ଅଞ୍ଚଳକୁ ଅବାଧରେ ପ୍ରବେଶ କରୁଥିବାରୁ ସେମାନେ ଅଧିକ ରୋଗଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ହ୍ୟୁମାନ ସଫାରି ପାଇଁ ସେମାନଙ୍କ ଜାଗା ଦଖଲ କରାଯାଉଛି। ଜାରୱା ରହୁଥିବା ଅଞ୍ଚଳରେ ବାହାର ଲୋକମାନେ ବେଆଇନ ଶିକାର କରିବା, ଜାରୱା ମହିଳାଙ୍କୁ ଯୌନ ନିର୍ଯାତନ ଦେବା, ବାଧ୍ୟକରି ଖଟାଇବା ଓ ବାହାରର ନିଶାଦ୍ରବ୍ୟ ସେବନ କରାଇବା ଅଭିଯୋଗ ମଧ୍ୟ ଆସୁଛି। ଏବେ ସରକାର ଜାରୱାଙ୍କୁ ଭୋଟିଂ ଅଧିକାର ଦେଇ ଗଣତନ୍ତ୍ରରେ ସେମାନଙ୍କୁ ଭାଗୀଦାରି କରିବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ପ୍ରାଥମିକତା ହେଉଛି ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ବଂଶରକ୍ଷା କରିବା।

# ସୁସ୍ୱାଗତଂ


ଶ୍ରୀ ମୋହନ ଚରଣ ମାଝୀ

ଆମ ଓଡ଼ିଶାର ରାଜଧାନୀ ସହରରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ। ଏଥିରେ ଯୋଗଦେବାକୁ ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଆମର ମନ୍ଦିରମାଳିନୀ ଭୁବନେଶ୍ୱରରେ ପଦାର୍ପଣ କରିବାକୁ ପ୍ରସ୍ତୁତ। ଏଥିପାଇଁ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଥିବାର ଯେଉଁଭଳି ତଥ୍ୟ ବିଦେଶ ମନ୍ତ୍ରଣାଳୟ ସୂତ୍ରରୁ ଆସୁଛି, ତାହା ଆମକୁ ଉତ୍ସାହ ପ୍ରଦାନ କରୁଛି। ଆମେ ମଧ୍ୟ ଆଗନ୍ତୁକ ଅତିଥିମାନଙ୍କୁ ରାଜକୀୟ ଆତିଥ୍ୟ ପ୍ରଦାନ କରିବାକୁ ସମସ୍ତ ପ୍ରସ୍ତୁତିରେ ଲାଗିପଡ଼ିଛୁ। ମନ୍ତ୍ରଣାଳୟ ପକ୍ଷରୁ ଏହି ଦ୍ୱିବାର୍ଷିକ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଥିଲେ ବି ଆମ ରାଜ୍ୟର ରାଜଧାନୀ ସହରରେ ଏହି ଭବ୍ୟ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ରାଜ୍ୟବାସୀଙ୍କ ପକ୍ଷରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ବିଦେଶାଗତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛି।

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଶ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, କେନ୍ଦ୍ର ରେଳ, ସୂଚନା ପ୍ରଯୁକ୍ତି ଓ ସୂଚନା ପ୍ରସାରଣ ତଥା ଟେଲି ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଏହି ପ୍ରବାସୀ ଭାରତୀୟ ଦିବସ ଉତ୍ସବରେ ଯୋଗଦେବେ। ଶ୍ରୀଜଗନ୍ନାଥ ଆଶ୍ରିତ ମୋଦିଜୀଙ୍କ ବିଚାରରେ ଭାରତ ମୂଳଖଣ୍ଡ ଯେତେ ବିକଶିତ ହେବ, ପ୍ରବାସୀ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବମାନଙ୍କ ପ୍ରଭାବ, ପ୍ରତିଷ୍ଠା ଓ ଭାବମୂର୍ତ୍ତି ସେତେ ଅଧିକ ହେବ। ବିକଶିତ ଭାରତର ସ୍ୱପ୍ନ ବାସ୍ତବରୂପ ନେବ ସେତେବେଳେ, ଯେବେ ନିଜର ପ୍ରିୟ ମାତୃଭୂମି ସହ ଆବେଗିକ ପ୍ରୀତି ଡୋରିରେ ବାନ୍ଧିହେବେ ସେମାନେ। ସେମାନେ ପରିଶ୍ରମୀ ତଥା ଜ୍ଞାନ, ଦକ୍ଷତା, ପାରଦର୍ଶିତା, ଆର୍ଥିକ ସ୍ୱଚ୍ଛଳତା ଓ ପ୍ରଯୁକ୍ତି ବିଦ୍ୟା ସମୃଦ୍ଧ। ଆଗାମୀ ସମାରୋହରେ ସେମାନଙ୍କ ବହୁମୁଖୀ ଯୋଗଦାନ ନିଶ୍ଚୟ ବିକଶିତ ଭାରତ ଗଠନ ଦିଗରେ ସହାୟକ ହେବ, ଯାହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ। ସେମାନେ ଭାରତରେ ନିଜର ପୁଞ୍ଜି ନିବେଶ କରିବେ, ନିଜକୁ ରାଷ୍ଟ୍ରଦୂତ ମନେକରି ସହଯୋଗ ବି କରିବେ। ବିଦେଶରେ ବାସ କରୁଥିବା ପ୍ରାୟ ୩.୫୪ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ନିଜର ଗରିମାମୟ ସଂସ୍କୃତିକୁ ନିଜର ଆଚରଣ ଓ ଉଚ୍ଚାରଣରେ ପରିବ୍ୟାପ୍ତ କରିବେ ଏବଂ ଭାରତକୁ ବିଶ୍ୱଗୁରୁ ଭାବେ ଉପସ୍ଥାପନ କରିବେ। ବଦଳରେ ସମୃଦ୍ଧ, ବିକଶିତ ଭାରତ ସେମାନଙ୍କୁ ପ୍ରଦାନ କରିବ ନିରାପତ୍ତା ଏବଂ ବିଦେଶ ମାଟିରେ ସମ୍ମାନର ସହିତ ବଞ୍ଚିବାର ରାହା।

ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ କାଳରେ ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା, ପୁଷ୍ପ ପ୍ରଦର୍ଶନୀ କରାଯାଇ ରାଜଧାନୀକୁ ଉତ୍ସବମୁଖର କରାଯାଉଛି। ଓଡ଼ିଶାର ସମୃଦ୍ଧ କଳା ଓ ଐତିହ୍ୟ ପ୍ରଦର୍ଶନ କରାଯିବାକୁ ପ୍ରୟତ୍ନ କରାଯାଉଛି। ରାଜାରାଣୀ ସଙ୍ଗୀତ ଉତ୍ସବ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଓଡ଼ିଶୀ ନୃତ୍ୟ ଏବଂ ଲୋକ ଓ ଦେଶଜ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ କରାଯିବ। ପୁରୀରେ ବିଚ୍ ଫେଷ୍ଟିଭାଲ, ବାଲୁକା କଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ସେହି ସମୟରେ ସମଗ୍ର ଭାରତର ଦୃଷ୍ଟି ରହିବ ଓଡ଼ିଶା ଉପରେ, ଯାହାର ଭରପୂର ସୁଯୋଗ ନେବାକୁ ଆମେ ପ୍ରସ୍ତୁତ ହୋଇ ରହିଛୁ।

ରାଜଧାନୀ ଓ ଆଖପାଖ ଅଞ୍ଚଳକୁ ସୁସଜ୍ଜିତ କରି ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତେ ଆଗ୍ରହର ସହ ଲାଗି ପଡ଼ିଛନ୍ତି। ସୁନ୍ଦର ଆଲୋକ ସାଜସଜ୍ଜା କରାଯାଇ ରାଜଧାନୀ ସହରକୁ ନବବଧୂ ପରି ସଜେଇ ଦିଆଯାଇଛି। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନସ୍ଥଳୀକୁ ଅତିଥିମାନଙ୍କୁ ନେବାଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ, ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ୍ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜିଗୁଡ଼ିକର ପ୍ରଦର୍ଶନ କରାଯିବ। ଏହା ସହ ଏକ ଡିଜିଟାଲ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଅତିଥିମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ୍ ଏବଂ ୫ଟି ଡବଲ ଡେକର ବସ୍ ଚାଳିବାର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ସାମ୍ବାଦିକ, ୭ଟି ଦେଶରୁ ୟୁଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଏଥିସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗୀଦାରି ହେବାକୁ ମୁଁ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ନିବେଦନ କରୁଛି।

ବିଦେଶ ମାଟିରେ ରହୁଥିବା ଭାରତୀୟ ପ୍ରବାସୀ ଏବଂ ବଂଶୋଦ୍ଭବଙ୍କୁ ନିଜ ସଂସ୍କୃତି, ପରମ୍ପରା, ଐତିହ୍ୟ ତଥା ପୂର୍ବସୂରୀଙ୍କ ସ୍ମୃତି ସହ ଯୋଡ଼ିବା ପାଇଁ ପ୍ରବାସୀ ଭାରତୀୟ ଦିବସ ଆମକୁ ଅବସର ପ୍ରଦାନ କରିଛି। ଏହାକୁ ଆମେ ଏକ ଅନନ୍ୟ ସୁଯୋଗ ମନେକରୁଛୁ। ଆଗନ୍ତୁକ ଅତିଥିମାନେ ନିଜର ଜନ୍ମମାଟିର ଗନ୍ଧରେ ବିଭୋର ହେବାର ମହାର୍ଘ ସୁଯୋଗ ପାଇବା ସହିତ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରେ ନିଜ ଗ୍ରାମ ଓ ସହରର ଯୁବ ସମ୍ପ୍ରଦାୟଙ୍କୁ ମଧ୍ୟ ଅନୁପ୍ରାଣିତ କରିବେ। ପୂର୍ବଭାରତର କୌଣସି ରାଜ୍ୟରେ ଆଜିଯାଏଁ ଏଭଳି ଭବ୍ୟ, ବିଶାଳ ତଥା ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଏହା ପ୍ରଥମ ଘଟଣା। ଏହା ଏକ ସୁଯୋଗ, ଯାହା ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ତଥା ଓଡ଼ିଶାର ବିକାଶ ପ୍ରତି ପ୍ରତିବଦ୍ଧତା କାରଣରୁ ସମ୍ଭବ ହୋଇଛି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ଯେ କି ଲାକ୍ଷାଦ୍ୱୀପର ଆରବସାଗର କୂଳରେ ବସି ନିଜର ଫଟୋକୁ ଏକ୍ସ ସାମାଜିକ ଗଣମାଧ୍ୟମରେ ଛାଡ଼ିଦେଲେ, ଭାରତୀୟ ପର୍ଯ୍ୟଟକମାନେ ମାଲଦ୍ୱୀପ ନ ଯାଇ ଲାକ୍ଷାଦ୍ୱୀପରେ ଛୁଟି କାଟିବାକୁ ରୁଣ୍ଡ ହୋଇ ଯାଆନ୍ତି।

ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ଭାଷା ଆଦି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କରି ନେତୃତ୍ୱରେ ଭାରତବର୍ଷ ଆଜି ସମସ୍ତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଓ ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛି। ବିଶ୍ୱ ନେତୃତ୍ୱ ନେବା ପାଇଁ ଭାରତବର୍ଷ ଆଜି ପ୍ରସ୍ତୁତ। ବିକଶିତ ଭାରତ ଗଠନ ପାଇଁ ଦେଶବାସୀ ଯାତ୍ରା ଆରମ୍ଭ କରିଦେବା ବେଳେ ଆମେ ଓଡ଼ିଶାବାସୀ ବିକଶିତ ଓଡ଼ିଶା ଗଠନ କରିବାର ଦୁର୍ବାର ଶପଥ ନେଇଛେ। ଏହି ସମୟରେ ଆମକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଆମର ହାତ ଧରି ଆଗେଇ ନେବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶାର ବନ୍ଧୁ ଭାବେ ସବୁବେଳେ ରହିଛନ୍ତି, ଏହା ଆମକୁ ଆଶ୍ୱସ୍ତ କରିଛି। ତାଙ୍କର ମହାନୁଭବ ବନ୍ଧୁତାକୁ ଆମେ ହୃଦୟଙ୍ଗମ କରିଛେ, ଯେତେବେଳେ ସେ ଇଣ୍ଡୋନେସିଆ ଗସ୍ତ କାଳରେ କଟକର ବାଲିଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଭାରତ ମଣ୍ଡପରେ ଅନୁଷ୍ଠିତ ଜି–୨୦ ଶିଖର ସମ୍ମିଳନୀରେ ‘କୋଣାର୍କ ଚକ୍ର’ର ପ୍ରଦର୍ଶନ ବିଶ୍ୱନେତାଙ୍କୁ ବିମୋହିତ କରିଥିଲା। ବିଶ୍ୱ ନେତାବୃନ୍ଦଙ୍କୁ ଏହି କୋଣାର୍କ ଚକର ବୈଶିଷ୍ଟ୍ୟ ଓ କାରୁକାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ପ୍ରଧାନମନ୍ତ୍ରୀ ପୂର୍ବୋଦୟ ବିକାଶ ଉପରେ ଜୋର୍ ଦେଉଛନ୍ତି, ଯେଉଁଥିରେ ଓଡ଼ିଶା ସବୁଠୁ ଆଗରେ ରହିବ। ‘ପୂର୍ବୋଦୟ ମିଶନ’ରେ ଓଡ଼ିଶା ସମେତ ପୂର୍ବ–ଭାରତର ତ୍ୱରିତ ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କର ଦୂରଦୃଷ୍ଟିସମ୍ପନ୍ନ ଯୋଜନା ହେଉଛି ‘ପୂର୍ବୋଦୟ’। ଏହାର ପ୍ରମୁଖ ବିନ୍ଦୁ ହେଉଛି ବିକାଶ। ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ‘ପୂର୍ବୋଦୟ’ରେ ଓଡ଼ିଶାର ବିକାଶ ବିନା ଭାରତ ବିକଶିତ ହେବା ଅସମ୍ଭବ। ପୂର୍ବ– ଭାରତର ରାଜ୍ୟଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ବିକାଶ କରାଯିବା ସହିତ କିପରି କୁଶଳୀ ମାନବ ସମ୍ବଳ ତିଆରି ହୋଇପାରିବେ, ତା’ ଉପରେ ବିଶେଷ ଧ୍ୟାନ ଦିଆଯାଉଛି।

ମୋଦୀ ଗରିବ ଘରେ ଜନ୍ମ ନେଇ ମଧ୍ୟ ନିଜର ଅଧ୍ୟବସାୟ, ରାଷ୍ଟ୍ରଭକ୍ତିକୁ ପୁଞ୍ଜିକରି ଲୋକଙ୍କର ପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ପ୍ରତିଷ୍ଠା ପାଇଛନ୍ତି। ଗରିବ ହୋଇ ନ ଥିଲେ, ହୁଏତ ସେ ସମସ୍ତଙ୍କ ନାମରେ ବ୍ୟାଙ୍କ ଜମାଖାତା, ପ୍ରତି ଘରକୁ ପାଇଖାନା ଓ ବିଶୁଦ୍ଧ ପାନୀୟ ଜଳ ଦେବାକୁ ଏଭଳି ତତ୍ପରତା ପ୍ରଦର୍ଶନ କରିପାରି ନଥା’ନ୍ତେ। ସାଧାରଣ ଗରିବ ଲୋକଟିର ଆବଶ୍ୟକତା ପୂର୍ତ୍ତି ପାଇଁ ତାଙ୍କର ମାନବବାଦୀ ଦୃଷ୍ଟିଭଙ୍ଗୀକୁ ଓଡ଼ିଶାର ଗୋଟିଏ ଗରିବ ଆଦିବାସୀ ପରିବାରରେ ଜନ୍ମ ନେଇଥିବା ମୋ ଭଳି ଜନସେବକ ଅତ୍ୟନ୍ତ ଆଗ୍ରହର ସହିତ ଲକ୍ଷ୍ୟ କରିଛି ଓ ଅନୁପ୍ରାଣିତ ହୋଇଆସିଛି। ସେ ବାରମ୍ବାର ଓଡ଼ିଶା ଆସିଛନ୍ତି, ଆମକୁ ଉତ୍ସାହିତ କରିଛନ୍ତି ଓ ଏଠାରେ ମଧ୍ୟ ରାତ୍ରିଯାପନ କରିଛନ୍ତି। ବିଶ୍ୱର ସବୁଠୁ ଅଧିକ ଲୋକପ୍ରିୟ ନେତା ମୋଦିଜୀଙ୍କର ସରଳତା, ପ୍ରତିବଦ୍ଧତା ଓ କର୍ମନିଷ୍ଠା ସମସ୍ତଙ୍କୁ ପ୍ରେରଣା ଦେଇଆସିଛି। ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ସେ ଉଦ୍‌ଘାଟନ କରିବେ, ଏହା ହୁଏତ ଏକ ବିଧି ବ୍ୟବସ୍ଥା, କିନ୍ତୁ ତାଙ୍କର ଗରିମାମୟ ଉପସ୍ଥିତି କେବଳ ପ୍ରବାସୀ ଭାରତୀୟ ଓ ବଂଶୋଦ୍ଭବ କାହିଁକି, ସମସ୍ତ ଦେଶବାସୀଙ୍କୁ ପ୍ରଭାବିତ କରିବ। ସେହି ପ୍ରଭାବକୁ ଆୟୁଧ କରି ଆମେ ଓଡ଼ିଶାକୁ ଦେଶର ଅନ୍ୟତମ ବିକଶିତ ରାଜ୍ୟରେ ପରିଣତ କରିବୁ। ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି କରିବାରେ ଯେପରି ବିକଶିତ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ନେବ, ସେଥିପାଇଁ ପ୍ରୟତ୍ନ କରିବୁ।

ମୁଁ ଏହି ସମାରୋହକୁ ମହୋତ୍ସବ ଭାବେ ପାଳନ କରିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିବା ସହିତ ‘ଅତିଥି ଦେବୋ ଭବଃ’ ମନ୍ତ୍ରରେ ଅଭିମନ୍ତ୍ରିତ ହେବାକୁ ଅନୁରୋଧ କରିବି। ସର୍ବଶ୍ରେଷ୍ଠ ଆତିଥ୍ୟ ପାଇ ପ୍ରବାସୀମାନେ ନିଜର କର୍ମକ୍ଷେତ୍ରକୁ ଫେରିଗଲା ପରେ ଓଡ଼ିଶା ନିଶ୍ଚୟ ତାହାର ଲାଭ ପାଇବ, ଏହା ଓଡ଼ିଶାର ବନ୍ଧୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓ ମୋର ବିଶ୍ୱାସ। ମୁଁ ପୁଣି ଥରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରୁଛି।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଦୁର୍ନୀତିର ଚକ୍ରବ୍ୟୂହ


ସୁନୀଲ କୁମାର ମିଶ୍ର

ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ହେଲେ ଦୁର୍ନୀତି ଓଡ଼ିଶାର ଅଭିବୃଦ୍ଧିକୁ ବାଧା ଦେଉଛି। ଦୁର୍ନୀତି ରୂପକ ସଂକ୍ରାମକ ବ୍ୟାଧିଟି ସମାଜର ପ୍ରତିଟି ସ୍ତରରେ ବିସ୍ତାରିତ ହୋଇସାରିଛି। ଏହା ସୃଷ୍ଟି କରିଛି କର୍ତ୍ତବ୍ୟହୀନତା ଏବଂ କର୍ମବିମୁଖତା। ଏହା ଆମ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରରେ ପ୍ରଭାବ ପକାଇବା ସହିତ ଓଡ଼ିଶାର ଅଭିବୃଦ୍ଧିକୁ ଅଣଲକ୍ଷ୍ୟ କରିଛି। ପରୀକ୍ଷା ପୂର୍ବରୁ ପଦବୀ ବିକ୍ରି ସରୁଛି। କହିବାକୁ ଲଜ୍ଜା ଲାଗେ ଯେ ଆମ ରାଜ୍ୟରେ ନିଯୁକ୍ତି ସ୍ତରରେ ବଡ଼ ବଡ଼ ଦୁର୍ନୀତି ଘଟିଚାଲିଛି। ଏଏସ୍‌ଓ ପରୀକ୍ଷାରେ ହୋଇଥିବା ଦୁର୍ନୀତି ଏକ ନଗ୍ନ ଉଦାହରଣ। ଦୁର୍ନୀତିର ପ୍ରମୁଖ କାରଣ ହେଉଛି ଚାକିରି ସୁଯୋଗର ଅଭାବ, କଠୋର ଦଣ୍ଡ ବିଧାନର ଅଭାବ, ନିଯୁକ୍ତି କ୍ଷେତ୍ରରେ ବୟସ ସୀମାର ତାରତମ୍ୟ। ଜନଗଣନା ଅନୁସାରେ ଓଡ଼ିଶାର ସ୍ଥାନ ନବମ। ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଆଜି ଏଠାରୁ ଦୁର୍ନୀତି ଲୋପ ହୋଇପାରୁନାହିଁ। ବିଗତ ସରକାର ୨୪ ବର୍ଷ ଶାସନରେ ରହିଲେ ମଧ୍ୟ ଓଡ଼ିଶାରେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବାରେ ସକ୍ଷମ ହୋଇ ନ ଥିଲେ ଏବଂ ସରକାରୀ କ୍ଷେତ୍ରରେ ମଧ୍ୟ ଯେତିକି ପଦବୀ ସୃଷ୍ଟି କରିବା କଥା ସେତିକି କରିପାରି ନ ଥିଲେ। ଯେତିକି ବି ସୃଷ୍ଟି କରିଥିଲେ ସେତକ ସମୁଦ୍ରକୁ ଶଙ୍ଖେ। ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ଗ୍ରନ୍ଥାଗାରିକ ପଦବୀ ଯାହା ଏପର୍ଯ୍ୟନ୍ତ ଖାଲିପଡ଼ିଛି ପୂରଣ ହୋଇ ନାହିଁ। ଭାଷା ସାହିତ୍ୟ ଓ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଆଦର୍ଶ ବିଦ୍ୟାଳୟ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ପଦବୀ ଖାଲି ରହିଛି। ତେଲିଆ ମୁଣ୍ଡରେ ତେଲ’ ନୀତି ଅନୁସରଣ କରିଛନ୍ତି ରାଜ୍ୟ ସରକାର ବହୁ ବିଭାଗରେ ଯୁବତୀଯୁବକମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ସୁଯୋଗ ଦିଆ ନ ଯାଇ ଅବସରପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରାଯାଉଛି, ଯାହା ଫଳରେ ଯୁବ ପିଢ଼ି ଆଜି ହତୋତ୍ସାହିତ ହୋଇପଡ଼ିଛି।

ଚାକିରି ସୁଯୋଗର ଅଭାବରେ ବଢୁଥିବା ବେକାରି ସମସ୍ୟା ଯୁବ ସମାଜକୁ ଦୁର୍ନୀତି ଆଡ଼କୁ ଟାଣି ନେଉଛି। ଧୈର୍ଯ୍ୟହୀନ ହୋଇ ସେମାନେ ଟଙ୍କା ଦେଇ ଚାକିରି କିଣି ଦୁର୍ନୀତିରେ ଲିପ୍ତ ହେଉଛନ୍ତି। ‘ପେଟ ପୋଷ ନାହିଁ ଦୋଷ’ ନୀତି ସେମାନେ ଅବଲମ୍ବନ କରୁଛନ୍ତି। ଚାକିରି ନିମନ୍ତେ ଠିକ୍ ସମୟରେ ପଦବୀ ପୂରଣ ହେବାରେ ବିଳମ୍ବ ହେଉଥିବାରୁ ଚାକିରି ଆଶାରେ କେତେଜଣ ଶିକ୍ଷିତ ବେକାର ଚାକିରି ସନ୍ଧାନରେ ଦେଶାନ୍ତର ହେଉଛନ୍ତି। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ କିଛି ପଦବୀ ବାହାରି ନ ଥିଲା ଓ ଚାକିରି ଅସ୍ଥାୟୀ ଥିଲା। ନିର୍ବାଚନ ଆଳରେ ପଦବୀ



ବାହାର କରି ଦିଆଯାଇଥିଲା ଏବଂ ପଦବୀ ବିକ୍ରି ମଧ୍ୟ ହୋଇ ଯାଇଥିଲା। ଯାହା ଫଳରେ ଅସଂଖ୍ୟ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୨୦୧୨ ମସିହାରେ ବାହାରିଥିବା ଏଏସ୍‌ଓ ପଦବୀ, ୨୦୧୮ ଓ ୨୦୨୧ରେ ହୋଇଥିବା ଏଏସ୍‌ଓ ପରୀକ୍ଷା, ୨୦୨୨ ଓ ୨୦୨୩ରେ ହୋଇଥିବା କନିଷ୍ଠ ଶିକ୍ଷକ ପରୀକ୍ଷା, ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପରୀକ୍ଷା, କିରାଣି ପରୀକ୍ଷା, ପୋଲିସ ଏଏସ୍‌ଆଇ ପରୀକ୍ଷା, ୨୦୨୪ରେ ହୋଇଥିବା ଏଲ୍‌ଆଇ ଫରେଷ୍ଟ ଗାର୍ଡ, ଆର୍‌ଆଇ, ଏଆର୍‌ଆଇ, ଅମିନ ପରୀକ୍ଷାରେ ହୋଇଥିବା ଦୁର୍ନୀତି ସ୍ପଷ୍ଟ ବାରି ହେଉଛି। ଆମ ରାଜ୍ୟ ସରକାର ଆଣିଥିବା ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଧେୟକ ଓଡ଼ିଶା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଏହା କାର୍ଯ୍ୟକାରିତା ହେବାରେ ବିଳମ୍ବ ହେଉଛି। ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଫରେଷ୍ଟ ଗାର୍ଡ ପରୀକ୍ଷା ପାଇଁ କିଛି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ନିଆ ଯାଇନାହିଁ, ଯାହା ଫଳରେ ଚାକିରି ଆଶାୟୀମାନେ ଭବିଷ୍ୟତକୁ ନେଇ ଚିନ୍ତିତ। ବିଭିନ୍ନ ରାଜ୍ୟର ସରକାର ସରକାରୀ ଚାକିରି ନିମନ୍ତେ ଖାଲି ଥିବା ପଦବୀ ପୂରଣ କରିବା ସହିତ ଚାକିରି କ୍ଷେତ୍ରରେ ବୟସ ସୀମା ୪୦ରୁ ଊର୍ଦ୍ଧ୍ୱ ରଖିଥିବା ସମୟରେ ଆମ ରାଜ୍ୟ ଓଡ଼ିଶାରେ ତାହା ୩୨ ବର୍ଷ। ତିନି ବର୍ଷ ପାଇଁ ଅସ୍ଥାୟୀ ଭାବରେ ପୂର୍ବ ସରକାର ବୟସ ସୀମା ବଢ଼ାଇ ୩୮ ବର୍ଷ କରିଥିଲେ। ସରକାରୀ ଚାକିରି କ୍ଷେତ୍ରରେ ବୟସ ସୀମା ୪୩ ବର୍ଷକୁ ବଢ଼ିଲେ ଅନେକ ସରକାରୀ ଚାକିରି ଆଶାୟୀ ଚାକିରି କରିବା ନିମନ୍ତେ ସୁଯୋଗ ପାଇବେ। ବାରମ୍ବାର ପଦବୀ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ କରି ପୁନର୍ବାର ସେହି ନିଯୁକ୍ତି ନିମନ୍ତେ ଆବେଦନକୁ ଘୁଞ୍ଚାଇ ନୂତନ ତାରିଖ ଦେଇ ଆମ ସରକାର ଶେଷରେ ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ଭାବନାକୁ ଅଘାତ କରିଚାଲିଛନ୍ତି। କଥାରେ ଅଛି ମୋତେ ଯେତେ ମାଡିବୁ ମାଠ ମୁଁ ସେଇ ଦରପୋଡ଼ା କାଠ। ବାରମ୍ବାର ଏହି ପରି ଦୁର୍ନୀତି ଘଟୁଥିବା କାରଣରୁ ଓଡ଼ିଶାରେ ଆଜି ଦେଶର ଅନ୍ୟ ରାଜ୍ୟ ତୁଳନାରେ ବେକାରି ସଂଖ୍ୟାରେ ଅଧିକ। ପରୀକ୍ଷା ଉପଯୁକ୍ତ ସମୟରେ ହୋଇ ଫଳାଫଳ ପ୍ରକାଶ ହେବାରେ ବିଳମ୍ବ ହେବା ସହିତ କେତେ ସରକାରୀ ଚାକିରି ଆଶାୟୀଙ୍କ ବୟସ ସୀମା ବଢ଼ିଚାଲିଛି, ଯାହା ଫଳରେ ସେମାନେ କୌଣସି ବି ଚାକିରି ନିମନ୍ତେ ଇଚ୍ଛା ଥାଇ ମଧ୍ୟ ଆବେଦନ କରିବାରେ ସକ୍ଷମ ହୋଇ ପାରୁନାହାନ୍ତି। ଲୋୟର ପିଏମ୍‌ଜିରେ ବସି ଆର୍‌ଆଇ, ଅମିନ ପରୀକ୍ଷାରେ ହୋଇଥିବା ଦୁର୍ନୀତି ବିଷୟରେ ଜଣାଇ ଅସଂଖ୍ୟ ଛାତ୍ରୀଛାତ୍ର ଗଳା ଫଟେଇ ଡାକିଲେ ମଧ୍ୟ ସେ ଗର୍ଜନ ସରକାରଙ୍କ କର୍ଣ୍ଣପାତ ହେଉନାହିଁ। ଗୋଟିଏ ପକ୍ଷରେ ଉପଯୁକ୍ତ ସଚେତନତା ଏବଂ ଅପର ପକ୍ଷରେ ସରକାରୀ କ୍ରିୟାଶୀଳତା ଦୁର୍ନୀତି ରୂପକ ସଂକ୍ରାମକ ବ୍ୟାଧିକୁ ହଟେଇବାରେ ସଫଳ ହୋଇପାରିବ। ଏପରି ହେଲେ ସାମାଜିକ ସ୍ତରରେ ନ୍ୟାୟ ପ୍ରତିଷ୍ଠିତ ହୋଇପାରିବ।

ମୋ: ୯୭୭୬୮୪୨୬୭୨

## ଏଇ ଭାରତରେ

ଦୟାଭାବ ଓ ଦୃଢ଼ ଇଚ୍ଛାଶକ୍ତି ସେବା ପାଇଁ ପଥ ଖୋଲିଦିଏ, ଯାହା ଘଟିଛି ଇନ୍ଦ୍ରାଣୀଙ୍କ ଜୀବନରେ। ପଶ୍ଚିମବଙ୍ଗ ପୁରୁଲିଆର ଏକ ଛୋଟ ଗାଁରେ ରୁହନ୍ତି ଇନ୍ଦ୍ରାଣୀ। ଏହି ଗାଁରେ ବୁଲା କୁକୁରଙ୍କୁ ନିର୍ଯାତନା ଦିଆଯିବା ସମୟରେ ସେ ତାହାର ବିରୋଧ କରିଥିଲେ। ସେ ବୁଲାକୁକୁରଙ୍କୁ ସୁରକ୍ଷା ଦେବା ଲାଗି ଉପାୟ ମଧ୍ୟ ଚିନ୍ତା କରିଥିଲେ। ପରେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ସେ ସୋସିଆଲ ମିଡିଆରେ ପ୍ରଚାର କରି ସଫଳ ହୋଇଛନ୍ତି। ସୋସିଆଲ ମିଡିଆରେ ଇନ୍ଦ୍ରାଣୀଙ୍କ ଅନୁରୋଧକୁ ଦେଖି ଏବେ ତାଙ୍କ ସହ ୧୦୦ରୁ ଅଧିକ ପ୍ରାଣୀପ୍ରେମୀ ସାମିଲ ହୋଇ ସାରିଲେଣି। ଫଳରେ ସେ ନିଜ ଗାଁ ତଥା ଆଖପାଖ ଅଞ୍ଚଳରେ ବୁଲାକୁକୁରଙ୍କୁ ଖୁଆଇବାକୁ ଦେବା ସହ ସେମାନଙ୍କ ଯତ୍ନ ନେଇ ପାରୁଛନ୍ତି। ଇନ୍ଦ୍ରାଣୀ ଏବେ ସୁଦ୍ଧା ତାଙ୍କ ଅଭିଯାନ ଜାରି ରଖିଛନ୍ତି ଓ ଆହୁରି ଅଧିକ ସଂଖ୍ୟକ ପ୍ରାଣୀପ୍ରେମୀଙ୍କ ସହଯୋଗ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜାନୁଆରୀ ୧୯୭୬

- ଜୟପୁର ଓ ଗୋଆଲିୟର ପୂର୍ବତନ ରାଜପରିବାରଙ୍କ ଘରୁ ଆୟକର ଓ ସ୍ୱର୍ଣ୍ଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୩ କୋଟି ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ।
- ଚନ୍ଦ୍ରଶେଖର ଓ ମୋହନ ଧରିଆଙ୍କ ସମେତ ୭ ଜଣ ପାର୍ଲାମେଣ୍ଟ ସଭ୍ୟଙ୍କୁ କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିରୁ ବହିଷ୍କାର କରାଯାଇଛି।

## ଚିରନ୍ତନୀ

ଭେଦି ସିନ୍ଧୁ ଗରଜନ
କାତର ତା’ର କ୍ରନ୍ଦନ
ସଞ୍ଚରି ପରାଣ ମନ
କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 6 |
| | | | | | | 5 | | 4 |
| 2 | 3 | | | | | 1 | | |
| | 5 | 1 | | 7 | | 8 | | |
| 9 | | | | 8 | 1 | | 5 | |
| | 8 | | 4 | | 6 | 3 | | |
| | | | | | 9 | | 1 | |
| | 4 | | | 1 | | | 8 | |
| 6 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 2 | 1 | 9 | 4 | 8 | 6 | 7 |
| 9 | 1 | 7 | 3 | 8 | 6 | 2 | 5 | 4 |
| 4 | 8 | 6 | 7 | 5 | 2 | 3 | 1 | 9 |
| 1 | 4 | 8 | 2 | 6 | 9 | 5 | 7 | 3 |
| 7 | 9 | 5 | 8 | 3 | 1 | 4 | 2 | 6 |
| 6 | 2 | 3 | 4 | 7 | 5 | 9 | 8 | 1 |
| 8 | 7 | 9 | 5 | 1 | 3 | 6 | 4 | 2 |
| 5 | 3 | 4 | 6 | 2 | 7 | 1 | 9 | 8 |
| 2 | 6 | 1 | 9 | 4 | 8 | 7 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଚିରା ମୁହାଣ ପଙ୍କୋଦ୍ଧାର କେବେ

ମହାଶୟ,

ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ବର୍ଷରେ କେନ୍ଦ୍ର ଓ ପ୍ରାଦେଶିକ ସରକାର ଜନକଲ୍ୟାଣ ପାଇଁ ବିବିଧ ଯୋଜନା ପ୍ରସ୍ତୁତ କରି କେବଳ ପ୍ରଚାରସର୍ବସ୍ୱ ହେବା ସ୍ଥଳେ ଏହାର ସୁଫଳ ବୋଧେ ଶୂନ କହିଲେ ଅତ୍ୟୁକ୍ତି ହେବନି। ଉଦାହରଣ ସ୍ୱରୂପ, ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନା ସତ୍ତ୍ୱେ ବିଭିନ୍ନ ନଦୀରୁ ସୃଷ୍ଟି ହୋଇଥିବା ଉପନଦୀ ଓ ଶାଖାନଦୀର ମୁହାଣ ଓ ଶଯ୍ୟା ପୋତିହୋଇ ଏହା ସରସ୍ୱତୀ ନଦୀ ଭଳି ବିଲୁପ୍ତି ଓ ବିସ୍ମୃତିର ଗର୍ଭକୁ ଚାଲିଯିବାକୁ ବସିଥିବା ବେଳେ ଏଥିପ୍ରତି କାହାର ନିଘା ଅଛି। କହିବା ବାହୁଲ୍ୟ, ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଧୀନ ଖଜୁରିଆ ବାଲୁଙ୍କେଶ୍ୱର ବିଦ୍ୟାପୀଠ ସମ୍ମୁଖ ଭାର୍ଗବୀ ନଦୀରୁ ରତ୍ନଚିରା ନାମକ ଆବିର୍ଭୂତ ଏକ ଉପନଦୀର ମୁହାଣରେ ପଟୁ ଓ ପଙ୍କ ଜମି ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ମୁହାଣରେ ଦଳ ଲାଖି ରହୁଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ମୁହାଣ ଖନନ ପାଇଁ ସାଧାରଣରେ ଦାବି ହେଉଛି।

–ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ

**ପଲମ, ୭।୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତ ବାଲିପଡ଼ା ଏନ୍‌ଏଚ୍ ଉପରୁ ଆର୍‌ଟିଓ ଅଧିକାରୀ ମିଥୁନ ପ୍ରଧାନ ନର୍ଲା ପୋଲିସ ସହାୟତାରେ ଦୁଇଟି ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ କରିଛନ୍ତି। ଜବତ ୨ ଗାଡ଼ି ଓଡି୦୮ସି ୪୦୨୬ ଓ ଓଡି୧୮ଏମ୍-୩୭୭୨କୁ ନର୍ଲା ଥାନାକୁ ଅଣାଯାଇଛି। ଦୁଇଗୋଟି ପିକ୍‌ଅପ୍‌ରେ ୧୦ରୁ ଅଧିକ ଲେଖାଏ ଗୋରୁ ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ଉଭୟ ଗାଡିକୁ ୨୭ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି ବୋଲି ଆରଟିଓ ଅଧିକାରୀ ପ୍ରଧାନ କହିଛନ୍ତି।

### ଆତ୍ମସୁରକ୍ଷା ତାଲିମ କର୍ମଶାଳା

**ଜୁନାଗଡ଼, ୭।୧(ସୁନୀଳ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ କଳା ଓ ବିଜ୍ଞାନର ୧୨୭ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡାମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାକେଶ କୁମାର ବେମାଲ, ପ୍ରାଧ୍ୟାପିକା ସାଗରିକା ଦାସ, ଜୁନାଗଡ ଥାନାର ତପନ କୁମାର କାଲୋ, ନିତ୍ୟାନନ୍ଦ ଦାସ, କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପୂର୍ଣ୍ଣମାସି ମାଝୀ ଓ ସହ ସଂଯୋଜକ ସମୀର କୁମାର ସାହୁ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଅଧ୍ୟାପକ ବିଶ୍ୱ ରଞ୍ଜନ ବେହେରା କରିଥିବା ବେଳେ ଦୁଇଜଣ ପ୍ରଶିକ୍ଷକ ଜଳି ପରାଭୋଇ ଓ ଶିବାନୀ ଭାଟି ସମସ୍ତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ରୁପ୍ରାରୋଡ,୭।୧(ସଞ୍ଜୀବ ଦାସ):** ନର୍ଲା ବ୍ଲକ ରୁପ୍ରା ରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନର୍ଲା ବିଡିଓ ବିପିନ ବିହାରୀ ଦୀପ ମୁଖ୍ୟ ଅତିଥି, ତୁଲାପଡ଼ା କଲେଜ ଅଧ୍ୟାପକ ସମୀର ମହାପାତ୍ର ମୁଖ୍ୟବକ୍ତା ଓ ମ. ରାମପୁର କୋର୍ଟର ବରିଷ୍ଠ ଆଇନଜୀବୀ ପ୍ରକାଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ସଞ୍ଜୀବ କୁମାର ଦାସ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବର୍ଷ ୨୦୨୩-୨୪ରେ କୃତିତ୍ୱ ଅର୍ଜନ କରିଥିବା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ତୁକଲା ହାଇସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୭।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ତୁକଲା ସରକାରୀ ହାଇସ୍କୁଲର ୫୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଦ୍ୱାରା ଗ୍ରାମାଞ୍ଚଳର ବିକାଶ ହେବା ସହ ନୂତନ ଶିକ୍ଷାନୀତି ବିଦ୍ୟାର୍ଥୀଙ୍କୁ ନିଜ ଇଚ୍ଛା ମୁତାବକ ଶିକ୍ଷାଗ୍ରହଣ କରିବାର ସୁଯୋଗ ଦେଇଛି ବୋଲି ପ୍ରକାଶ କରିଥିଲେ। ସଭାରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅସୀମା ବାଗ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ତୁକଲା ସରପଞ୍ଚ ନିଲାନ୍ଦ୍ରି ମେହେର, ପୂର୍ବତନ ଶିକ୍ଷକ ଯୋଗେଶ୍ୱର ମେହେର ପ୍ରମୁଖ ଯୋଗଦେଇଥିଲେ।

### ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ

ଲାଞ୍ଜିଗଡ଼,୭।୧(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବନମାଳୀ ମାଝୀଙ୍କ ନେତୃତ୍ୱରେ ପାଇକବୋରି ଶୈବ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଉତ୍ସବ ସ୍ଥଳରେ ସ୍ଥାପନା କରାଯାଇଥିଲା। ସରପଞ୍ଚ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଂଜୀବ ନାଏକ ମୁଖ୍ୟ ଅତିଥି, ଏଇ କ୍ଷୀରୋଦ କୁମାର ନାଏକ ବିଶିଷ୍ଟ ଅତିଥି, କାନକୁଟ୍ରୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୈଶାଖୁ ନାଏକ ମୁଖ୍ୟ ବକ୍ତା ଓ ଜଗଦୀଶ ବେନିଆଁ, ମନୋହର ହରପାଲ, ନାଏବ ସରପଞ୍ଚ ସଂଯୁକ୍ତା ବିଭାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସାଧୁରାମ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମଳୟ ବିଭାର ମଞ୍ଚ ପରିଚାଳନା କରିଥିଲେ।



ଇନ୍ଦ୍ରାବତୀର ମଙ୍ଗଳପୁର ହାତୀ ବ୍ୟାରେଜରୁ ପାଣି ଛଡ଼ାଯାଉଛି।

# ଇନ୍ଦ୍ରାବତୀରୁ ରବି ଚାଷ ପାଇଁ ଜଳସେଚନ ଆରମ୍ଭ

ଭବାନୀପାଟଣା/ଜୟପାଟଣା,୭।୧ (ଉତ୍ତମ କୁମାର ଦାଶ/ଓମ୍ ପ୍ରକାଶ ବୈଠାରୁ)

- ୫୩, ୩୭୪ ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ
- ଉପକୃତ ହେବେ ୨୯୬ ଗ୍ରାମର ଚାଷୀ

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଇନ୍ଦ୍ରାବତୀ ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜରୁ ଚଳିତ ରବି ଚାଷ ପାଇଁ ମଙ୍ଗଳବାର ଜଳସେଚନ ଆରମ୍ଭ ହୋଇଛି। ବ୍ୟାରେଜରେ ପୂଜାର୍ଚ୍ଚନା ପରେ ଉଭୟ ବାମ ଓ ଦକ୍ଷିଣ କେନାଲରେ ପ୍ରାରମ୍ଭିକ ଭାବରେ ୩ କ୍ୟୁସେକ ଲେଖାଏ ପାଣି ଛଡ଼ା ଯାଇଥିଲା। ଚଳିତବର୍ଷ ଉଭୟ କେନାଲରେ ୫୩ ହଜାର ୩୭୪ ହେକ୍ଟର ଜମିରେ ଜଳ ସେଚନ ଲକ୍ଷ୍ୟ ରଖାଯାଇଛି। ଏଥିରେ ବାମ କେନାଲରେ ୨୭ ହଜାର ୫ ଶହ ହେକ୍ଟର, ଦକ୍ଷିଣ କେନାଲରେ ୨୦ ହଜାର ୭୪ ଓ ବାମ କେନାଲ ଧର୍ମଗଡ଼ ପାଇଁ ୫ହଜାର ୮ ଶହ ହେକ୍ଟର ଚାଷ ଜମି ଜଳସେଚନ ବ୍ୟବସ୍ଥା ରହିଛି। ଉପରୋକ୍ତ ୨ଟି କେନାଲ ଜରିଆରେ ଜିଲାର ଜୟପାଟଣା ବ୍ଲକର ୫୬ ଗ୍ରାମ ସମେତ କଲମପୁର ବ୍ଲକର ୪୮, ଜୁନାଗଡ଼ ବ୍ଲକର ୧୩୬, କୋକସରା ୧୦ ଓ ଧର୍ମଗଡ଼ ବ୍ଲକର ୪୬ ଏପରି ସମୁଦାୟ ୫ ବ୍ଲକର ୨୯୬ ଗ୍ରାମର ଚାଷୀ ଉପକୃତ ହେବେ ବୋଲି ବିଜ୍ଞପ୍ତିରୁ ଜଣାପଡିଛି। ସେହିପରି ଜଳଭଣ୍ଡାର ମଧ୍ୟରେ ବର୍ତ୍ତମାନ ୬୩୫.୧୫ମିଟର ପାଣି ରହିଥିବାବେଳେ ଜଳସେଚନ ଅବଧି ସମୟରେ ସୁପରିଚାଳନା ପାଇଁ ପର୍ଯ୍ୟାୟ କ୍ରମେ ଜଳସେଚନ କରାଯିବ ବୋଲି ସୂଚନା ମିଳିଛି। ଜଳସେଚନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବାମ ମୁଖ୍ୟ କେନାଲ କୁସୁମଖୁଣ୍ଟି ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ର, ଦକ୍ଷିଣ ମୁଖ୍ୟ କେନାଲ ମୁଖିଗୁଡା ଅଧୀକ୍ଷଣ ଯନ୍ତ୍ରୀ ରାଜକୁମାର ବେହେରା, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ, ରଘୁନାଥ ମୁଣ୍ଡା, କନିଷ୍ଠ ଯନ୍ତ୍ରୀ ଭଗବାନ ନାହାକ, ଶ୍ରୀନିବାସ ରାଉତ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ଶପଥ ନେବାକୁ ଆହ୍ୱାନ

ନୂଆପଡ଼ା,୭।୧ (ମକାରୁ ବେମାଲ)

**ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ**

ନୂଆପଡ଼ା ସଦର ବ୍ଲକ ଜାମପାଣି ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରବାସୀ ଶ୍ରମିକ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସ୍ଥାନୀୟ ସରପଞ୍ଚ ହୀରାସିଂ ରାଉତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ଜିଲା ପ୍ରାଣୀସମ୍ପଦ ଅଧିକାରୀ ଡ. ଆଲୋକ କୁମାର ନାୟକ, ଲିଡ୍ ବ୍ୟାଙ୍କ ମ୍ୟାନେଜର ସିତାରାମ ମେହେର, କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ପ୍ରମୁଖ ଯୋଗଦେଇ ଶ୍ରମିକ, କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୦ରୁ ଅଧିକ ଦିନ କାମ କରିଥିବାରୁ ଉମାବାଈ ମାଝି, କୈଳାଶ ବରିହା, ସୁରେଶ ସାହୁ, ସାୟାରାଣୀ ଯାଦବ, ଲଳିତା ଯାଦବ, ସୁନିଆ ବାଇ ସାହୁ ପ୍ରମୁଖଙ୍କୁ ଜିଲାପାଳ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ସେହିପରି ଏହି ଯୋଜନାରେ ୩ ଶହ ଦିନ କାମ କରି ୧ ଲକ୍ଷ ୫ ହଜାର ୬ ଶହ ଟଙ୍କା ଲେଖାଏ ପାଇଥିବା ବୁଧରାମ ମାଝି, ଜଳଧର ମାଝି, ସାଧୁ ମାଝିଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ଶପଥ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ।



୩ ଶହ ଦିନ କାମ କରିଥିବା ଶ୍ରମିକମାନଙ୍କୁ ସମ୍ମାନିତ କରାଯାଉଛି।

# ନୂଆପଡ଼ା ଜିଲାରେ ୫,୦୩,୭୩୦ ଭୋଟର



ଅଧିକାରୀମାନେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

ନୂଆପଡ଼ା,୭।୧ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସୋମବାର ସ୍ୱତନ୍ତ୍ର ସଂଶୋଧନ ପରେ ୨୦୨୫ ପାଇଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭୀମସେନ ଶବର, ଅତିରିକ୍ତ ଜିଲାପାଳ (ସାଧାରଣ ବିଭାଗ) ସୁବାସ ଚନ୍ଦ୍ର ରଏତ, ଏଆର୍‌ଓ ତଥା ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲାପାଳ ପ୍ରତିନିଧି (ନିର୍ବାଚନ ଶାଖା) ଶେଖ ନସିମ ଯୋଗଦେଇଥିଲେ। ରାଜନୈତିକ ଦଳର ପ୍ରତିନିଧି ଭାବରେ ଭାଜପାରୁ କମଲେଶ ଦୀକ୍ଷିତ, ବିଜେଡିରୁ ରାମଲାଲ ହଂସ, କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ଏଏପିରୁ ଲକ୍ଷ୍ମୀକାନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିରୁ କୁନ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂକ୍ଷିପ୍ତ ସଂଶୋଧନ ପରେ ୭୧ ନମ୍ବର ନୂଆପଡା ନିର୍ବାଚନ ମଣ୍ଡଳୀରେ ୩୦୨ଟି ବୁଥ ରହିଛି। ଏଥିରେ ପୁରୁଷ ୧,୨୧,୬୭୨, ମହିଳା ୧,୨୫,୪୮୨ ଓ ତୃତୀୟ ଲିଙ୍ଗ ୨୧ ଜଣ ଏପରି ସମୁଦାୟ ୨,୪୭,୧୭୫ ଭୋଟର ଅଛନ୍ତି। ସେହିପରି ୭୨ ନମ୍ବର ଖଡିଆଳ ନିର୍ବାଚନ ମଣ୍ଡଳୀରେ ମଧ୍ୟ ୩୦୨ ବୁଥ୍ ରହିଛି। ଏଥିରେ ପୁରୁଷ ୧,୨୮,୩୫୨, ମହିଳା ୧,୨୮,୧୮୬ ଓ ତୃତୀୟ ଲିଙ୍ଗ ୧୭ ଏପରି ମୋଟ ୨,୫୬,୫୫୫ ଭୋଟର ଅଛନ୍ତି। ସମଗ୍ର ଜିଲାରେ ପୁରୁଷ ୨,୫୦,୦୨୪, ମହିଳା ୨,୫୩,୬୬୮ ଓ ତୃତୀୟ ଲିଙ୍ଗ ୩୮ ଜଣ ମୋଟ ୫ ଲକ୍ଷ ୩ ହଜାର ୭୩୦ ଭୋଟର ଅଛନ୍ତି। ଜିଲାରେ ଦିବ୍ୟାଙ୍ଗ ୮୭୧୨, ବରିଷ୍ଠ ନାଗରିକ ୪୨୬୧ ଓ ଯୁବ ଭୋଟର ୧୦,୭୭୭ ଜଣ ଅଛନ୍ତି।

### ଫରେଷ୍ଟ ଛତିଶଗଡ଼କୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ସେମିରେ

**ନୂଆପଡ଼ା,୭।୧ (ମକାରୁ ବେମାଲ):** ନୂଆପଡ଼ା ମିନି ଷ୍ଟାଡିୟମଠାରେ ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦବସରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଫରେଷ୍ଟ ଛତିଶଗଡ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କଟକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଜବାବରେ ଛତିଶଗଡ ଦଳ ସମାନ ଓଭରରେ ୬ ଉଇକେଟ ହରାଇ ୧୭୫ ରନରେ ସୀମିତ ରହିଥିଲା। ଫଳରେ ରାଇଜିଂ ଷ୍ଟୁଡେଣ୍ଟ କଟକ ସେମିଫାଇନାଲକୁ ପ୍ରବେଶ କରିଛି। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ସଦସ୍ୟ ଭାବୁ ପ୍ରତାପ ସିଂ ମାଝି, ବ୍ଲକ ଉପାଧ୍ୟକ୍ଷ ଦିଲିପ ନିର୍ମଳକର, ଶମ୍ଭୁ ପ୍ରସାଦ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କଟକ ଦଳର ପ୍ରତ୍ୟୁଷ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ପେନାଲ ଅମ୍ପେୟାର ଚୂଡାମଣି ପାଢୀ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ।

## ତଦନ୍ତ କଲେ ୪ ଜଣିଆ ଅଧିକାରୀ

ଲୋଇସିଂହା, ୭।୧(ସୁଶାନ୍ତ ବାରିକ)

**ବୁର୍ଡା ପାକ୍ସରେ ଧାନକ୍ରୟ ଅନିୟମିତତା ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବୁର୍ଡା ପାକ୍ସରେ ଧାନକ୍ରୟରେ ଅନିୟମିତତା ଅଭିଯୋଗ ଉପରେ ମଙ୍ଗଳବାର ବଲାଙ୍ଗୀର ଆରଏମସି, ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ତଦନ୍ତ କରାଯାଇଛି। ଆରଏମସି ସମ୍ପାଦକ ସିଦ୍ଧାର୍ଥ ମିଶ୍ରଙ୍କ ନେତୃତ୍ୱରେ ସମବାୟ ବିଭାଗ ସହ ନିବନ୍ଧକ ଘିବରେଲ ସୋରେନ ଓ ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ରାଉତ, ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ପ୍ରମୁଖ ମଣ୍ଡିକୁ ଯାଇ ତଦନ୍ତ କରଛନ୍ତି। ପାକ୍ସ ସମ୍ପାଦକ ଘନଶ୍ୟାମ ପୁଟା ଏବଂ କର୍ମଚାରୀଙ୍କୁ ଅଭିଯୋଗ ଉପରେ ଟିକିନିଖି ପଚାରିଥିଲେ। କେଉଁ ଉଦ୍ଦେଶ୍ୟରେ ଟୋକନ ତାରିଖ ଗଡାଇ ଧାନକ୍ରୟ କରାଗଲା ଏନେଇ ପଚାରିଥିବା ଜଣାଯାଇଛି। ଏହାବ୍ୟତୀତ ତଦନ୍ତକାରୀ ଟିମ୍ ଧାନବିକ୍ରି ଦସ୍ତାବିଜ ସଂଗ୍ରହ କରି ନେଇଥିବା ଜଣାଯାଇଛି। ତଦନ୍ତ ବେଳେ ପାକ୍ସ ବୋର୍ଡ ସଭାପତି ବାଳଗୋପାଳ ସାହୁ ଉପସ୍ଥିତ ରହିଥିଲେ। ବୁର୍ଡା ପାକ୍ସରେ ବିଳମ୍ବରେ ଧାନକ୍ରୟ ଆରମ୍ଭ ହେବା କାରଣରୁ ଜାନୁୟାରୀ ୭ ତାରିଖ ହୋଇଥିଲେ ସୁଦ୍ଧା ୨୦୨୪ ଡିସେମ୍ବର ମାସର ଟୋକନରେ ଧାନକ୍ରୟ କରାଯାଉଛି। ଏହି କ୍ରମରେ ୨୦୨୪ ଡିସେମ୍ବର ଶେଷ ସପ୍ତାହ ବେଳକୁ ୧୦ ଓ ୧୧ ତାରିଖର ଟୋକନ ପାଇଥିବା ଚାଷୀଙ୍କ ଧାନକିଣା ଚାଲିଥିବା ବେଳେ ଡିସେମ୍ବର୧୬ ତାରିଖରେ ଟୋକନ ପାଇଥିବା କେତେକ ଚାଷୀଙ୍କ ଧାନକୁ ପାକ୍ସ କର୍ମଚାରୀ କିଣିଥିବା ଅଭିଯୋଗ ହୋଇଥିଲା। ଡିସେମ୍ବର ୧୧ ରୁ ୧୫ ମଧ୍ୟରେ ଥିବା ଚାଷୀ ଉପେକ୍ଷିତ ହୋଇଥିଲେ। ସେତେବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଟୋକନ ପାଇଥିବା ଚାଷୀଙ୍କ ଶହଶହ ବସ୍ତା ଧାନ ବିକ୍ରି ଅପେକ୍ଷାରେ ପଡି ରହିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ପାକ୍ସ କର୍ମଚାରୀଙ୍କ ଏପରି କାରବାରକୁ ନେଇ ବୋର୍ଡ ସଭାପତି ବାଳଗୋପାଳ ସାହୁ ନାପସନ୍ଦ କରିଛନ୍ତି।

# ଜିଲା ଶିଶୁମଙ୍ଗଳ କମିଟିର ତଦନ୍ତ ଆରମ୍ଭ

ଭବାନୀପାଟଣା,୭।୧(ଉତ୍ତମ କୁମାର ଦାଶ)

**ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କମିଟି ଅଧ୍ୟକ୍ଷ ରୂପେଶ ହୋତା, ସଦସ୍ୟ ସଞ୍ଜୟ କୁମାର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ରାଜଲକ୍ଷ୍ମୀ ଦାସ, ଅଂଶୁମାନ ବାବୁଙ୍କୁ ନେଇ ଗଠିତ ଟିମ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଯାଇ ତଦନ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, କୁଳସଚିବ ପୀତାମ୍ବର ଭୋଇ, ହଷ୍ଟେଲରେ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ, ଯୁକ୍ତ ୨ଅଧ୍ୟକ୍ଷଙ୍କଠାରୁ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ। ହଷ୍ଟେଲରେ ୧୦୦ଜଣ ପରିବର୍ତ୍ତେ ୩୦୦ ଛାତ୍ରୀ ରହୁଛନ୍ତି। ତେଣୁ ଅଧିକ ମହିଳା ୱାର୍ଡେନ ରଖିବା ନିମନ୍ତେ ତାଗିଦ କରିଛନ୍ତି। ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟର ନିୟମିତ ତଦାରଖ ସହିତ ରାଗିଂ ସେଲକୁ ଆହୁରି କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୃତା ତୋଫାଲି ନାଏକଙ୍କ ବାପା ଜିଲା ଶିଶୁ ମଙ୍ଗଳ କମିଟିକୁ ଭେଟି ଅଭିଯୋଗ କରିଥିଲେ। ମୃତା ଛାତ୍ରୀଙ୍କ ବହିରେ ଥିବା ଏକ କାଗଜରେ ତାଙ୍କୁ ମାରିଦେବାକୁ ଧମକ ଦିଆଯାଇଥିବା ଉଲ୍ଲେଖ ହୋଇଛି। ପୋଲିସ ଏ ନେଇ ଖୋଳତାଡ଼ କରୁଛି। ଜଗୁଆଳି ଓ ସୁପରିଣ୍ଟେଣ୍ଡେଣ୍ଟ ଅନୁପସ୍ଥିତ ଥିବାରୁ ଅଫିସକୁ ଆସି ଦେଖା କରିବାକୁ କହିଥିଲେ।

### ଯାଦବ ସମାଜର ବ୍ଲକସ୍ତରୀୟ ବୈଠକ

**ବୋଡ଼େନ,୭।୧ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକସ୍ତରୀୟ ଯାଦବ ସମାଜ ବୈଠକ ଲିଟିସର୍ଗି ଗ୍ରାମ ଠାରେ ଅନୁଷ୍ଠିତ ହୋଇଥିଲା। ସମାଜର ବ୍ଲକ ସଭାପତି ରାଜକିଶୋର ହେର୍ଣ୍ଣାଙ୍କ ପରିଚାଳନାରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ ମୁଖ୍ୟ ଅତିଥି, ଯାଦବ ସମାଜ ରାଜ୍ୟ ମହାସଚିବ ଲମ୍ବୋଦର ନିଆଳି ମୁଖ୍ୟ ବକ୍ତା, ଜୟରାମ ଜଳ ବିଶିଷ୍ଟ ଅତିଥି, ପର୍ଶୁରାମ ନିଆଲ, ପୁସ୍ତମ ନାଗ, ପ୍ରଜାପତି ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ

ଗୋଲାମୁଣ୍ଡା, ୭।୧ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ଜୟନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ଗୋଲାମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୱେତପଦ୍ମା ସେଠ ମୁଖ୍ୟ ଅତିଥି, ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଥାନା ସବ୍‌ଇନ୍ସପେକ୍ଟର ରାଜେଶ ପରିଡ଼ା, ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଲିଙ୍ଗେଶ୍ୱର ମେହର ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ପ୍ରଶିକ୍ଷିକା ସୋନାଲି ପଣ୍ଡା ଓ ବନିତା ରାଉତ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଏକଶହ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ତୁଣ୍ଡଲା, ୭।୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିଭୁଦେନ୍ଦୁ ମହାନ୍ତି ଓ ସଞ୍ଜୀବ କୁମାର ପାଣିଗ୍ରାହୀ ଛାତ୍ରୀମାନେ କିଭଳି ଆତ୍ମ ସୁରକ୍ଷା କରିବେ ସେ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ସଂଯୋଜକ ସନ୍ତୋଷ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ କେସିଙ୍ଗା ମହାବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ମାଝୀ ଯୋଗ ଦେଇଥିଲେ। ଏହା ୧୦ଦିନ ଧରି ଚାଲିବ ଓ ଏଥିରେ ମୋଟ ୬୫ ଜଣ ଛାତ୍ରୀ ତାଲିମ ନେବେ ବୋଲି ଅଧ୍ୟକ୍ଷ କରିଛନ୍ତି। ଅଧ୍ୟାପିକା ସାବିତ୍ରୀ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନେ ତାଲିମ ଗ୍ରହଣ କରୁଛନ୍ତି।

# ମନ୍ଥର ଗତିରେ ଚାଲିଛି ଧାନସଂଗ୍ରହ ପ୍ରକ୍ରିୟା

**ଅଧା ସରିଛି, ଅଧା ବାକି**

ଭବାନୀପାଟଣା,୭।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଖରିଫ ଧାନ କିଣା ପ୍ରକ୍ରିୟା ମନ୍ଥର ଗତିରେ ଚାଲୁଛି। ଗତ ନଭେମ୍ବର ୨୯ରେ ଜିଲାର ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରେ ଧାନକିଣା ଆରମ୍ଭ ହୋଇଥିଲା। ଅଦ୍ୟାବଧି ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଟୋକନ ବିଳମ୍ବ, ଅଦିନିଆ ବର୍ଷା ଓ ମିଲର୍ସଙ୍କ ଆନ୍ଦୋଳନ ଯୋଗୁ ଧାନ କିଣା ଅଧ ପ୍ରତିଶତ ହୋଇଛି।

ଜିଲାରେ ଖରିଫ୍ ଧାନ ସଂଗ୍ରହ ଟାର୍ଗେଟ ୫୦ ଲକ୍ଷ ୮୨ ହଜାର ୬୬୧ କୁଇଣ୍ଟାଲ ରହିଥିବାବେଳେ ସୋମବାର ସୁଦ୍ଧା ୫୭,୧୧୧ ଚାଷୀଙ୍କ ୨୬ ଲକ୍ଷ ୭୬ ହଜାର ୪୨୨ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୋମବାର ୩୫୮୯ ଜଣ ଚାଷୀଙ୍କ ୧ଲକ୍ଷ ୮୬ହଜାର ୭୪୭ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଜିଲାରେ ୨୨୩ ମଣ୍ଡି ଥିବାବେଳେ ୮୩ ଜଣ ମିଲର୍ସ ଧାନ ଉଠାଣ ପାଇଁ ନିଯୁକ୍ତ ହୋଇଛନ୍ତି। ଚଳିତ ଖରିଫ୍‌ରେ ଧାନ ବିକ୍ରି କରିବା ପାଇଁ ଜିଲାରେ ମୋଟ ୧,୧୩,୧୪୭ ଜଣ ଚାଷୀ ନିଜ ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ୬ ତାରିଖ ସୁଦ୍ଧା ସେଥିମଧ୍ୟରୁ ୫୭,୧୧୧ ଚାଷୀ ଧାନ ବିକ୍ରି କରିଥିବାବେଳେ ୫୬,୦୩୬ ଜଣ ଚାଷୀ ବିକ୍ରି କରିନାହାନ୍ତି। ଅନେକ ଚାଷୀଙ୍କ ଧାନ ଅମଳ ହୋଇ ୧୫ରୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ଟୋକନ ବିଳମ୍ବ ଯୋଗୁ ସେମାନେ ଧାନ ବିକ୍ରି କରିପାରିନାହାନ୍ତି, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପଟେ ମଙ୍ଗଳବାରଠାରୁ ରବି (ଡାଲୁଅ) ଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ପାଣି ଛଡାଯାଇଛି। ପୂର୍ବ ବର୍ଷମାନଙ୍କରେ ଚାଷୀ ଏହି ସମୟରେ ଖରିଫ ଧାନ ବିକ୍ରି କରି ରବି କେନାଲ ପାଣିକୁ ଉତ୍ସାହର ସହ ସ୍ୱାଗତ କରୁଥିବାବେଳେ ଏଥର କିନ୍ତୁ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଖରିଫ୍ ଧାନ ବିକ୍ରି କରି ନ ଥିବାରୁ ରବି ପାଇଁ କେବେ ଚାଷ କାମ ଆରମ୍ଭ କରିବ ତାହାକୁ ନେଇ ଚିନ୍ତାରେ ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ମଣ୍ଡି ଗୁଡିକରୁ ଧାନ ଉଠାଣ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି। ଏପରିସ୍ଥଳେ ଜୁନାଗଡ ବ୍ଲକ ଭଇଁରୀଗୁଡା ମଣ୍ଡିରୁ ଗତ ୩୧ ତାରିଖରୁ ଧାନ ଉଠୁ ନ ଥିବାରୁ ସ୍ଥାନୀୟ ଚାଷୀମାନେ ମଙ୍ଗଳବାର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ତେବେ ବୁଧବାରଠାରୁ ଧାନ ଉଠାଣ କରାଯିବ ବୋଲି ଚାଷୀଙ୍କୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।



ଭଇଁରୀଗୁଡା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।



ବରଗଡ଼ ଧନୁଯାତ୍ରାରେ କଂସ ମହାରାଜଙ୍କ ସମ୍ମୁଖରେ ଶିଶୁଙ୍କ ନୃତ୍ୟ ପରିବେଷଣ।


ଶ୍ରୀକୃଷ୍ଣଙ୍କୁ ବଂଶୀ ପ୍ରଦାନ।


ଶ୍ରୀକୃଷ୍ଣଙ୍କ ଦଧିଭାଣ୍ଡ ଭଙ୍ଗା ଦୃଶ୍ୟ।

**ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ**

ତା ୮।୧।୨୦୨୫(ବୁଧବାର)

**ମଥୁରାନଗରୀ**

ରଙ୍ଗସଭା, ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟବର୍ଗଙ୍କ ସହିତ ଆଲୋଚନା, ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଜନତା ଦରବାର, ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ।

**ଗୋପପୁର**

ଗୋପୀଙ୍କ ଦଧିବିକା, ବସ୍ତ୍ରହରଣ।


ଶ୍ରୀକୃଷ୍ଣଙ୍କୁ ମା' ଯଶୋଦାଙ୍କ ଆକଟ।


ବେଣୁବାବା ମଠରେ ବେନିଭାଇଙ୍କୁ ପୂଜାର୍ଚ୍ଚନା।


କାଳୀୟଦଳନ ଦୃଶ୍ୟାଭିନୟ।

# ରାକ୍ଷସୀ, ରାକ୍ଷସ ନିଧନରେ କଂସ ମର୍ମାହତ

**ମଥୁରାନଗରୀ,୭।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ପଞ୍ଚମ ଦିବସରେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଏବଂ ମଥୁରାନଗରୀରେ ମଥୁରାଧିପତି କଂସଙ୍କ ଦୃଶ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ଥିଲା। ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ବାହାରି ମଥୁରା ପରିଭ୍ରମଣ କରିଥିଲେ। ପରିଭ୍ରମଣରେ ଯାଇ ସ୍ଥାନୀୟ ବ୍ରହ୍ମଚାରୀ ଅଞ୍ଚଳରେ କଂସ ମହାରାଜଙ୍କ ଦିଗ୍‌ବିଜୟ ହୋଇଥିଲା। ଦିଗ୍‌ବିଜୟ ସାରି ମହାରାଜ କଂସ ଦରବାରକୁ ଫେରିଥିଲେ। ବ୍ରହ୍ମଚାରୀରେ କଂସ ମହାରାଜଙ୍କୁ ମଥୁରାବାସୀ ସ୍ୱାଗତ କରିଥିଲେ ଏବଂ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସଙ୍କ ନିଧନ ଖବର ପାଇଁ କଂସ ମର୍ମାହତ ହୋଇ ପଡ଼ିଥିଲେ ଏବଂ ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ କରିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ, ବଳରାମ ନଗର ପରିକ୍ରମା କରି ଜିରା ନଦୀ କୂଳ ବେଣୁବାବା ମଠରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବେଣୁବାବା ମଠରେ ଦଧିଭାଣ୍ଡ ଭଙ୍ଗା, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ଆକଟ, ଯାମଳାର୍ଜ୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ ଆଦି ଦୃଶ୍ୟାଭିନୟ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା।

# ମୀନାବଜାର ପଡ଼ିଆରେ ଧନୁଯାତ୍ରା ଏନ୍‌ଫୋର୍ସମେଣ୍ଟ କମିଟିର ଚଢ଼ାଉ


ମୀନାବଜାର ପଡ଼ିଆରେ ଏନ୍‌ଫୋର୍ସମେଣ୍ଟ କମିଟିର ପ୍ରତିନିଧିବୃନ୍ଦ।

**ମଥୁରାନଗରୀ,୭।୧(ପ୍ରେମାନନ୍ଦ ଖମାରୀ)**

- ବେଆଇନ ପାର୍କିଂ ଷ୍ଟାଣ୍ଡରୁ ୨୦ହଜାର ଜରିମାନା ଅସୁଲ
- ଦୋଳି, ଝୁଲାରେ ମାତ୍ରାଧିକ ଦର ନେଲେ କାର୍ଯ୍ୟାନୁଷ୍ଠାନ

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଏନ୍‌ଫୋର୍ସମେଣ୍ଟ କମିଟିର ଏକ ପ୍ରତନିଧି ଦଳ ମଙ୍ଗଳବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଲାଗିଥିବା ମୀନାବଜାର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅତର୍କିତ ଚଢ଼ାଉ କରିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବିଡ଼ିଓ ବି. ଡୁଙ୍ଗଡୁଙ୍ଗଙ୍କ ଉପସ୍ଥିତି ଏବଂ ଏନ୍‌ଫୋର୍ସମେଣ୍ଟ କମିଟିର ଆବାହକ ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉବେଳେ ବିଭିନ୍ନ ଜାଗାରେ ବେଆଇନ ପାର୍କିଂ ଷ୍ଟାଣ୍ଡ କରାଯାଉଥିବା ଯୋଗୁ ୨୦ହଜାର ଟଙ୍କା ଜରିମାନା ଅସୁଲ କରାଯାଇଥିଲା। ସେହିପରି ସରକାରୀ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଜାଗାକୁ ବିନା ଟେଣ୍ଡରରେ ଆବଣ୍ଟନ ଅଭିଯୋଗକୁ ନେଇ ମଧ୍ୟ ଏନ୍‌ଫୋର୍ସମେଣ୍ଟ କମିଟି ଗୁରତ୍ୱର ସହିତ ନେଇଥିଲା। ସମ୍ପୃକ୍ତ ଜାଗାକୁ ଯାଇ କମିଟି ସ୍ଥିତି ଅନୁଧ୍ୟାନ କରିଥିଲା। ସେହି ଜାଗା ନେଇଥିବା ବ୍ୟବସାୟୀଙ୍କୁ ପଚରାଉଚରା କରାଯାଇଥିଲା। ସେ ନେଇ ବୁଧବାର ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟବସାୟୀ, ଉପଜିଲାପାଳ ଏବଂ ଏନ୍‌ଫୋର୍ସମେଣ୍ଟ କମିଟି ଉପସ୍ଥିତିରେ ବିନା ଟେଣ୍ଡରରେ ଜମି ଆବଣ୍ଟନ ନେଇ ଆଲୋଚନା କରାଯିବ ବୋଲି କମିଟିର ଆବାହକ ସରାଫ କହିଛନ୍ତି। ଏହାସହିତ ଝୁଲା, ଦୋଳିରେ ମାତ୍ରାଧିକ ଟିକେଟ୍ ଦର ରହିଥିବା ଅଭିଯୋଗ ନେଇ ମଧ ସମ୍ପୃକ୍ତ ବ୍ୟବସାୟୀଙ୍କୁ କମିଟି ତାଗିଦ୍ କରିଥିଲା ଏବଂ ନିର୍ଦ୍ଧାରିତ ୫୦ଟଙ୍କାରୁ ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇ ଦିଆଯାଇଛି ବୋଲି ସରାଫ ସୂଚନା ଦେଇଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ନବକିଶୋର ପାଣିଗ୍ରାହୀ, ପରେଶ ବିଶି, ଜୟପ୍ରକାଶ ପ୍ରଧାନ, ରାଜସ୍ୱ ନିରୀକ୍ଷକ ସଞ୍ଜୀବ ମିଶ୍ର, ପୋଲିସ ଏଏସ୍‌ଆଇ ସୁଦର୍ଶନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ଉମା ମାହେଶ୍ୱରୀ, ମା' ଖମ୍ଭେଶ୍ୱରୀଙ୍କ ବନଜାଗ ଯାତ୍ରା

**ସରଣ୍ଡା, ୭।୧(ଯୁଧିଷ୍ଠିର ମହାପାତ୍ର)**

ଡୁମାଲ ସମାଜର ଅଧିଷ୍ଠାତ୍ରୀ ଦେବୀ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରୁଆଁସ୍ଥିତ ଉମା ମାହେଶ୍ୱରୀ ପୀଠର ମାଁ ମାହେଶ୍ୱରୀ ଓ ମାଁ ଖମ୍ଭେଶ୍ୱରୀଙ୍କ ନବକଳେବର ପାଇଁ ବନଜାଗ ଯାତ୍ରା ସୋମବାର ଆରମ୍ଭ ହୋଇଥିଲା। ଏହି ଯାତ୍ରା ଅତାବିରା ବ୍ଲକର ଖଲିଆପାଲି, ଅତାବିରା ସହର ଦେଇ ଖଇରପାଲି ଗାଁକୁ ପ୍ରବେଶ କରିଥିଲା। ମଙ୍ଗଳବାର କର୍ମାଟିକ୍ରାଠାରେ ଡୁମାଲ ଜାତିଭାଇ ଓ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ସହ ମାଁ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଡୁମାଲ ପରିଷଦ ସଭାପତି ଦୟାସାଗର ମେଣ୍ଡଲୀ, ବରଗଡ଼ ଜିଲା ଡୁମାଲ ପରିଷଦ ସଭାପତି ଗଣେଶ ପ୍ରଧାନ, ସମ୍ପାଦକ ସୁବାସ ଥାଟି, ସରଲା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ, ଗୁନିଆପାଲି କେନ୍ଦ୍ର ସଭାପତି ମଗନ ଖମାରୀ, ଗମ୍ଭାରୀପାଲି ଆଞ୍ଚଳିକ ମାହେଶ୍ୱରୀ ମନ୍ଦିର ପୂଜକ ସନ୍ତୋଷ ମହାକୁର, ଦିଲୀପ ମହାକୁର, ଜଗବନ୍ଧୁ କଲତା ପ୍ରମୁଖ ଉପସ୍ଥିତ ଥିଲେ। କୁରୁଆଁ ମାହେଶ୍ୱରୀ ମନ୍ଦିରର ବେଜି, ଦେହେରୀ ସେବାୟତ, ଅତାବିରା ସହରର ଜାତିଭାଇ, ଖଇରପାଲି-କର୍ମାଟିକ୍ରା ଗ୍ରାମବାସୀ, ଦୀନେଶ ଗାଇଗରିଆ, ସଞ୍ଜୀବ କର୍ମୀ, କୁବେର ମହାକୁର ଏବଂ ମାଁ ମାହେଶ୍ୱରୀ ସେନାର ସଦସ୍ୟମାନେ ସହଯୋଗ କରିଥିଲେ। ବୁଧବାର ବନଜାଗ ଶୋଭାଯାତ୍ରା ଲହଣ୍ଡାରେ ପହଞ୍ଚି ଚିହ୍ନଟ ହୋଇଥିବା ମା' ମାହେଶ୍ୱରୀଙ୍କ ନୂତନ ଶାଳକା ବାଡ଼ି ପାଇଁ ମହୁଲ ବୃକ୍ଷ ଓ ମାଁ ଖମ୍ଭେଶ୍ୱରୀଙ୍କ ନୂତନ ଖୁଣ୍ଟି ପାଇଁ ଗୁହେନ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ କଟାଯିବ। ଏହାପରେ ଉଭୟ ବୃକ୍ଷକୁ ବିରାଟ ଶୋଭାଯାତ୍ରାରେ କୁରୁଆଁସ୍ଥିତ ଉମା ମାହେଶ୍ୱରୀ ମନ୍ଦିରକୁ ନିଆଯିବ ବୋଲି ଜଣାପଡିଛି।


ବନଜାଗ ଯାତ୍ରାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# କଂସ ଅଭିନୟରୁ ବିରତି ନେବେ ଭୁବନେଶ୍ୱର

**ମଥୁରାନଗରୀ,୭।୧(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଚଳିତଥର ବରଗଡ଼ ବ୍ଲକ ଅନ୍ତର୍ଗତ ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନ କଂସ ଅଭିନୟ କରୁଛନ୍ତି। ଏହାପୂର୍ବରୁ ମଧ ସେ ବରଗଡ଼ ସମେତ ଅନେକ ସ୍ଥାନରେ କଂସ ଭୂମିକାରେ ଚିତ୍ତାକର୍ଷକ ଅଭିନୟ କରି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। କିନ୍ତୁ ସେ ଆସନ୍ତାବର୍ଷରୁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଅଭିନୟରୁ ବିରତି ନେବେ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ଅନ୍ୟପଟେ ବରଗଡ଼ ଧନୁଯାତ୍ରା ପ୍ରତି ତାଙ୍କ ଭଲ ପାଇବା ସବୁଦିନ ରହିବ। ଧନୁଯାତ୍ରା ମହୋତ୍ସବ ସମିତି ଓ ଗୁରୁଜନଙ୍କ ପଛରେ ସେ ରହିଥିବେ ଏବଂ ସୁଯୋଗ ଦିଆଗଲେ ଧନୁଯାତ୍ରା କଳାକାରଙ୍କୁ ଅଭିନୟ ନେଇ ଦିଗ୍‌ଦର୍ଶନ ଦେବେ ବୋଲି ଭୁବନେଶ୍ୱର କହିଛନ୍ତି।

# ଅଞ୍ଚଳ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର



ତାଲିମ କାର୍ଯ୍ୟକ୍ରମରେ ଅଧକ୍ଷ, ଅଧ୍ୟାପିକା ଓ ଛାତ୍ରୀ।

**ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର କଲେଜ ଅଧକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କାର୍ଯ୍ୟକ୍ରମ ଅଧିକାରୀ ବୁନି ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପିକା ଶର୍ମିଳା ପଣ୍ଡା ଓ ସରୋଜ ନାଏକ ଆତ୍ମ ସୁରକ୍ଷାର ଆବଶ୍ୟକତା ଓ ଉପଦେୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ଦୋରା, ସୁରେଶ୍ୱରୀ ପାଣ୍ଡେ, ପ୍ରଶିକ୍ଷିକା ନମ୍ରତା ତାଣ୍ଡି, ସୁନିତି ମହାପାତ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ଝୁନୁ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଟେଣ୍ଡରରେ ଜାଗା ଆବଣ୍ଟନ

**ମଥୁରାନଗରୀ,୭।୧(ପ୍ରେମାନନ୍ଦ ଖମାରୀ)**


ସହକାରୀ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।


ଜିଲା ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରୁଛନ୍ତି।

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

- ବଡ଼ ଡିଲ୍ ଅଭିଯୋଗ
- ଉପଜିଲାପାଳଙ୍କୁ ଫେରାଦ ହେଲେ
- ଜିଲା ଓକିଲ ସଂଘର ଦୃଷ୍ଟି ଆକର୍ଷଣ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ବିଶ୍ୱପ୍ରସିଦ୍ଧ ଭାବେ ପରିଗଣିତ। ଏହି ମହୋତ୍ସବକୁ ମିଳୁଥିବା ସରକାରୀ ଅନୁଦାନକୁ ଏଥର ନୂଆ ଭାଜପା ସରକାର ୧୦ଲକ୍ଷ ଟଙ୍କାରୁ ୧କୋଟିକୁ ବୃଦ୍ଧି କରିଛନ୍ତି। କେବଳ ସେତିକି ନୁହେଁ, ଅନ୍ୟ ବର୍ଷ ଅପେକ୍ଷା ଏଥର ଧନୁଯାତ୍ରା ମହୋତ୍ସବରେ ଅନେକ ନୂତନତ୍ୱ ଦେଖିବାକୁ ମିଳିଛି। ସାଜସଜ୍ଜା ଅତି ଆକର୍ଷଣୀୟ ହୋଇଛି। ଏହାକୁ ମଥୁରାବାସୀ ମଧ ସ୍ୱାଗତ କରିଛନ୍ତି ଏବଂ ମହୋତ୍ସବର ପ୍ରଥମ ଦିବସରୁ ମଥୁରାନଗରୀରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। କିନ୍ତୁ ଏହି ମହୋତ୍ସବରେ ମୀନାବଜାର ପଡୁଥିବା ଜର୍ଜ ହାଇସ୍କୁଲ ପଡ଼ିଆ କେନ୍ଦ୍ରଭାଗରେ ଥିବା କିଛି ଅଂଶକୁ ବିନା ଟେଣ୍ଡରରେ ଆବଣ୍ଟନ କରାଯାଇଛି। ଏହାଦ୍ୱାରା ଧନୁଯାତ୍ରା ପରିଚାଳନାରେ ସ୍ୱଚ୍ଛତାକୁ ନେଇ ନାନା ସନ୍ଦେହ ଉପୁଜିଛି। ଏହାକୁ ନେଇ ସ୍ଥାନୀୟ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସଚେତନ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ମଙ୍ଗଳବାର ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ଫେରାଦ ହୋଇଥିଲେ। ଉପଜିଲାପାଳ ପାଣ୍ଡେଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ (ଆସିଷ୍ଟାଣ୍ଟ କଲେକ୍ଟର) ଈପ୍‌ସିତା ମିଶ୍ର ସେମାନଙ୍କଠାରୁ ଏକ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ମୀନାବଜାର ପଡ଼ିଆରେ କିଛିଅଂଶରେ ବିନା ଟେଣ୍ଡରରେ ଜମି ଆବଣ୍ଟନ ସହିତ ଅନ୍ୟ ଅବ୍ୟବସ୍ଥା ଉପରେ ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ଉପଜିଲାପାଳ ପାଣ୍ଡେଙ୍କୁ ପଚାରିବାରୁ ସେ କହିଥିଲେ, ପଡ଼ିଆର ଯେଉଁ ଜାଗା କଥା ଉଠୁଛି, ସେହି ଜାଗାରେ କଳାକୁଞ୍ଜ ଲାଗୁଥିଲା ଏବଂ ତାକୁ ଲୋକେ ମାଗଣାରେ ଦେଖୁଥିଲେ। କିନ୍ତୁ ସେହି ଜାଗାରେ ଯିଏ କଳାକୁଞ୍ଜ ଲଗାଉଥିଲେ, ସେ ଏଥର ରାଜି ହୋଇ ନ ଥିଲେ। ଫଳରେ ସମ୍ପୃକ୍ତ ଜାଗାକୁ ଧନୁଯାତ୍ରା ଟେଣ୍ଡର କମିଟିର ନିଷ୍ପତ୍ତି କ୍ରମେ ବର୍ଗଫୁଟ୍ ୧୦୭ଟଙ୍କା ହାରରେ ୩ଲକ୍ଷ ୨୫ହଜାର ଟଙ୍କା ମଧ୍ୟରେ ଦିଆଯାଇଛି ବୋଲି ପାଣ୍ଡେ କହିଥିଲେ। ତେବେ ମୀନାବଜାର ପଡ଼ିଆ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଥିବାବେଳେ ସମ୍ପୃକ୍ତ ସ୍ଥାନକୁ କାହିଁକି ସେହି ଟେଣ୍ଡରରେ ସାମିଲ କରାଗଲାନାହିଁ ଏବଂ ଯେଉଁଠି ମାଗଣା କଳାକୁଞ୍ଜ ଚାଲିଥିଲା, ସେହି ସ୍ଥାନକୁ ବିନା ଟେଣ୍ଡରରେ କାହା ସ୍ୱାର୍ଥ ଏବଂ କେଉଁ ଅନୁକମ୍ପାରେ ବିନା ବିଜ୍ଞପ୍ତିରେ ଅନ୍ୟ ଜଣଙ୍କୁ ଦିଆଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। କେବଳ ସେତିକି ନୁହେଁ, ଯେଉଁ ଜାଗାକୁ ବିନା ଟେଣ୍ଡରରେ ୩ଲକ୍ଷ ୨୫ହଜାର ଟଙ୍କା ମଧ୍ୟରେ ଦିଆଯାଇଛି, ଟେଣ୍ଡରରେ ଦିଆଯାଇଥିଲେ ତାହା ଆହୁରି ଢ଼େର୍ ଅଧିକ ହୋଇଥାନ୍ତା ବୋଲି ଲୋକେ ମତ ରଖିଥିବାବେଳେ ଏଥିରେ ଏକ ବଡ଼ ଡିଲ୍ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି ମୀନାବଜାରରେ ପଡ଼ିଥିବା ଝୁଲା(ରେହେଟି), ଦୋଳିରେ ମଧ୍ୟ ଧାର୍ଯ୍ୟଦରରୁ ଅଧିକ ଦରରେ ଟିକେଟ୍ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସଚେତନ ନାଗରିକ ମଞ୍ଚର ପ୍ରତିନିଧିମାନେ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ଭେଟିଥିଲେ। ବିନା ଟେଣ୍ଡରରେ ଜମି ଆବଣ୍ଟନ ପ୍ରସଙ୍ଗ ସହିତ ଅନ୍ୟ ଅବ୍ୟବସ୍ଥା ନେଇ ପ୍ରତିନିଧିବୃନ୍ଦ ଜିଲା ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ।

ଉଲ୍ଲେଖନୀୟ, ପଡ଼ିଆର ଯେଉଁ ଜାଗାକୁ ନେଇ ଏବେ କଥା ଉଠୁଛି, ସେହି ସ୍ଥାନ ବହୁବିଧ ସରକାରୀ ସେବା ଉଦ୍ଦେଶ୍ୟରେ ସଂରକ୍ଷିତ ରହିଥାଏ ଏବଂ ପଡ଼ିଆର ଅନ୍ୟ ଜାଗାକୁ ଟେଣ୍ଡର ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥାଏ। ସଂରକ୍ଷିତ ଜାଗାରେ ପୋଲିସ ସୂଚନା କେନ୍ଦ୍ର, ଅଗ୍ନିଶମ ସେବାକେନ୍ଦ୍ର ସମେତ ଦର୍ଶକଙ୍କ ପାଇଁ ସେଲ୍ଫି ପଏଣ୍ଟ ଏବଂ ମାଗଣା କଳାକୁଞ୍ଜ କରାଯାଇଥାଏ। କିନ୍ତୁ ସମ୍ପୃକ୍ତ ସ୍ଥାନରେ ଏବେ ତାହା ଦେଖିବାକୁ ମିଳି ନ ଥିବାବେଳେ ବିନା ଟେଣ୍ଡରରେ ସେହି ଜାଗାକୁ ଆବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ସେଠାରେ ଯେଉଁସବୁ ଷ୍ଟଲ ଲାଗିଛି, ତାହା ମାଗଣା ନୁହେଁ, ସେଠାରେ ଚଢ଼ାଦରରେ ଟିକେଟ୍ ଶୋ ଚାଲିଛି ବୋଲି ସଚେତନ ନାଗରିକ ମଞ୍ଚ ଅଭିଯୋଗ କରିଛି। ଗୋଟିଏ ପଟେ ରାଜ୍ୟ ସରକାର ଧନୁଯାତ୍ରା ଅନୁଦାନ ୧୦ଗୁଣା ବୃଦ୍ଧି କରିଥିବାବେଳେ ଅନ୍ୟପଟେ ଲୋକଙ୍କୁ ସେବା ଯୋଗାଇବା ଏବଂ ମାଗଣା କଳାକୁଞ୍ଜ ପାଇଁ ଯେଉଁ ସ୍ଥାନ ସଂରକ୍ଷିତ ଥିଲା, ସେହି ସ୍ଥାନକୁ ବିନା ଟେଣ୍ଡରରେ ଅନ୍ୟ ଜଣଙ୍କୁ ଯୋଗାଇବା ଏବଂ ସେଠାରେ ଟିକେଟ୍ ଶୋ ଚାଲିବା ଘଟଣା ଏଥର ଧନୁଯାତ୍ରାରେ ମୁଖ୍ୟଚର୍ଚ୍ଚାର ବିଷୟ ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟମରେ ସଚେତନ ନାଗରିକ ମଞ୍ଚର ଭବାନୀ ପ୍ରସାଦ ସାହୁ, ନିଖିଳ ପାଣିଗ୍ରାହୀ, କିଶୋର ସାହୁ, ମନୋହର ପ୍ରଧାନ, ଶୟନ ପଣ୍ଡା, ସୁଦାମ ସାହୁ, ଗଙ୍ଗା ପୂଝାରୀ, ଗୋବିନ୍ଦ ଶର୍ମା, ଜି.ଭି ରାଓ, ଲାଲା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ଏକଦିବସୀୟ ପାଚିକା, ସହାୟିକା ପ୍ରଶିକ୍ଷଣ ଶିବିର

ରାଉରକେଲା,୭।୧(ଦିନେଶ ମିଶ୍ର): ସେକ୍ଟର-୧ସ୍ଥିତ ଡିଭାଇନ୍ ଲାଇଫ ଏକାଡେମୀ ଉଚ୍ଚ ବିଦ୍ୟାଳୟରେ ଏକ ଦିବସୀୟ ପାଚିକା ଓ ସହାୟିକାମାନଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସହାନନ୍ଦ ପଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆରତୀ ପ୍ରଧାନ, ଡାଟା ଏଣ୍ଟ୍ରି ଅପରେଟର ନମିତା ଘୁଘର ଓ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ସାମଲ ପ୍ରମୁଖ ଶିବିରରେ ଯୋଗଦେଇ ଉଦ୍ଦେଶ୍ୟ ଓ ଜ୍ଞାପନ କରିଥିଲେ। ଏଥିରେ ଆର୍‌ଇସି ଓ ଆର୍‌ପିଏଲ୍ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପାଚିକା, ସହାୟିକା ଯୋଗ ଦେଇଥିଲେ। ସେମାନେ ଘରେ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି ପ୍ରଶିକ୍ଷଣ ଶିବିରକୁ ଆଣି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀରେ ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ, ରୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଆଇଏସ୍ କୋର୍ଡିନେଟର ମନୋଜ ଆଚାର୍ଯ୍ୟ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଆଲୋକପାତ କରିଥିଲେ।

# ତୃତୀୟ ସନ୍ଧ୍ୟାରେ ନାଟକ ଜାନୁଘଣ୍ଟ ମଞ୍ଚସ୍ଥ

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାରେ ୩୭ତମ ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା ମଙ୍ଗଳବାର କଲଚରାଲ ଏକାଡ଼େମୀ ସଭାପତି ପଶୁପତି ନାଥ ଚାଟ୍ଟାର୍ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ କମ୍ରେଡ୍ ଜାହାଙ୍ଗୀର ଅଲ୍ଲୀ ଯୋଗଦେଇ କଲଚରାଲ ଏକାଡ଼େମୀର ଏହି ଅଭିନବ ଲୋକନାଟକ ମହୋତ୍ସବ ଏକ ନିଆରା ଇତିହାସ ସୃଷ୍ଟି କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧିରେ କଲଚରାଲ ଏକାଡ଼େମୀର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭୂପେନ ମହାପାତ୍ର କହିଥିଲେ, ୩୭ ବର୍ଷରେ ଲୋକ ନାଟକ ପଦାର୍ପଣ କରିଥିବାରୁ ମୁଁ ଗର୍ବିତ। ଏକାଡ଼େମୀର ଏହି ନିରନ୍ତର ପ୍ରୟାସ ହେତୁ ସମ୍ପ୍ରତି ଲୋକନାଟକ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିପାରିଛି। ଆଲୋକ ବୋଷ ଅତିଥି ପରିଚୟ ପ୍ରଦାନ, କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ସୁଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ନାଟକ 'ଜାନୁଘଣ୍ଟ'ର ଏକ ଦୃଶ୍ୟ।

**୩୭ତମ ଲୋକନାଟକ ମହୋତ୍ସବ**

କଲଚରାଲ ଏକାଡ଼େମୀ ସହ ଆବାହକ ଅକ୍ଷୟ ସାମଲ, ଡ. ଶ୍ରୀକାନ୍ତ ମହାରି, ଡ. ପ୍ରଭାତ ମଲ୍ଲିକ, ଗୋକୁଳାନନ୍ଦ ଦାଶ, କେଦାର ନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ଭାରତରାୟ, ନଗେନ ଦାସ, ଡା. କୃପାସିନ୍ଧୁ ନାୟକ, କିଶୋର ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ମୀନକେତନ ପଶାୟତ ପ୍ରମୁଖ ସହଯୋଗ କରିଥିଲେ। ଲୋପ ପାଇଯାଉଥିବା ଲୋକକଳା 'ଜାନୁଘଣ୍ଟ'କୁ ପେଶା ଭାବେ ଗ୍ରହଣ କରିଥିବା କଳାକାରମାନେ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିଲେ ମଧ୍ୟ କଳାରୁ ମିଳୁଥିବା ସନ୍ତୋଷକୁ ଗଣ୍ଠିଧନ କରି ବଞ୍ଚନ୍ତି ସିନା ସରକାରଙ୍କ ଉପରେ ନିଜ ପରିବାରର ବୋଝ ଲଦି ଦେବାକୁ ଚାହାନ୍ତିନାହିଁ । କିନ୍ତୁ କଳାକାରଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଏହି ଆଦର୍ଶରୁ ବାହାରିଯାଇ ସରପଞ୍ଚଙ୍କ ମାୟା ଜାଲରେ ଛନ୍ଦି ହୋଇଯାନ୍ତି ଏବଂ ପରିବାର ଭାଙ୍ଗିଯାଏ। ଏହି କାହାଣୀକୁ ନେଇ ନାଟକ 'ଜାନୁଘଣ୍ଟ' ଗତିଶୀଳ ହୁଏ। ଶେଷରେ ଚାକିରି ନ ପାଇ ଉଚ୍ଚଶିକ୍ଷିତ ପୁଅ ପୁଣି ସେଇ ଲୋକକଳାକୁ ପେଶା ଭାବେ ଗ୍ରହଣ କରେ। ଏହି ନାଟକରେ ପ୍ରଭାକର ପାତ୍ର ନାଟ୍ୟକାର, ବିଜୟ କୁମାର ଭୋଳ ନାଟ୍ୟ ନିର୍ଦ୍ଦେଶନା ଏବଂ ଗୁଲାମ ପ୍ରମୋଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

## ହାଇଟେକ୍ ମେଡିକାଲ ଛାତରୁ ଡେଇଁ ରୋଗୀ ମୃତ

ରାଉରକେଲା,୭।୧(ଦିନେଶ ମିଶ୍ର)

ରାଉରକେଲା ହାଇଟେକ୍ ମେଡିକାଲରେ ଚିକିତ୍ସାଧୀନ ଜଣେ ରୋଗୀ ସୋମବାର ରାତିରେ ହସ୍ପିଟାଲ ଛାତରୁ ଡେଇଁ ମୃତ୍ୟୁବରଣ କରିଛନ୍ତି। ମୃତ ରୋଗୀ ଜଣଙ୍କ ହେଲେ ମନୋଜ ଡୁଙ୍ଗଡୁଙ୍ଗ(୩୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୨/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୮ଟା) ମୃତକଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ।

ସୂଚନା ଅନୁସାରେ, କୁଆଁରମୁଣ୍ଡା ଥାନା ଅନ୍ତର୍ଗତ କିମଝରିଆ ଗ୍ରାମର ମନୋଜ ଦୀର୍ଘଦିନ ଧରି ଲିଭରଜନିତ ରୋଗରେ ପୀଡ଼ିତ ଥାଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଗତ ୨ତାରିଖ ରାତିରେ ମନୋଜ ଘର ଥିବାବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଫଳରେ ପରିବାର ଲୋକେ ପରଦିନ ଅର୍ଥାତ୍ ଗତ ୩ ତାରିଖରେ ଚିକିତ୍ସା ଲାଗି ରାଉରକେଲାସ୍ଥିତ ହାଇଟେକ୍ ମେଡିକାଲରେ ମନୋଜଙ୍କୁ ଭର୍ତ୍ତି କରିଥିଲେ। ସେଠାରେ ମନୋଜ ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ଗତ ସୋମବାର ବିଳମ୍ବିତ ରାତିରେ ମେଡିକାଲ ୩ ମହଲା ଛାତ ଉପରକୁ ଯାଇ ତଳକୁ ଡେଇଁ ପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଏହା ଦେଖିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସମ୍ପର୍କରେ ହସ୍ପିଟାଲର ସିଇଓ ଶୁଶାନ୍ତ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ରୋଗୀ ଜଣଙ୍କ ଦୀର୍ଘଦିନ ଧରି ଲିଭର ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୩ ତାରିଖରୁ ସେ ଏହି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ଚାଲିଥିବା ବେଳେ ସେ ମାନସିକ ଚାପରେ ରହି ସୋମବାର ବିଳମ୍ବିତ ରାତିରେ ଏଭଳି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି ବୋଲି ଆଚାର୍ଯ୍ୟ କହିଥିଲେ।

## ଯତ୍‌ରାରେ ମନମୋହିଲା ଆର୍‌ଏସ୍‌ପି ପାଭିଲିୟନ

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଯାତ୍ରା ପଡିଆରେ ଜାନୁଆରୀ ୨ରୁ ୬ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଯତ୍‌ରା-୨୦୨୫ରେ ଓଡ଼ିଶାର ପ୍ରମୁଖ ଇସ୍ପାତ ଶିଳ୍ପ ସେଲ୍, ଆର୍‌ଏସ୍‌ପିର ଆକର୍ଷଣୀୟ ପାଭିଲିୟନ ପରିଦର୍ଶକମାନଙ୍କ ମନ ମୋହିଥିଲା। ଓଡ଼ିଶା ସରକାର ଓ ଏମ୍‌ଏସ୍‌ଏମ୍‌ଇ ସହଯୋଗରେ ଓରମାସ ଆୟୋଜିତ ଏହି ୫ଦିନିଆ ମେଗା ଇଭେଣ୍ଟକୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଗତ ୨ତାରିଖରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି, ଶିଳ୍ପ ବିଶେଷଜ୍ଞ, ଉଦ୍ୟୋଗୀ ଓ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜାନୁଆରୀ ୪ତାରିଖ ସନ୍ଧ୍ୟାରେ ଆର୍‌ଏସ୍‌ପି ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ସମଗ୍ର ଅଞ୍ଚଳରେ ସାମଗ୍ରିକ ବିକାଶ ପାଇଁ ଆର୍‌ଏସ୍‌ପିର ବିପୁଳ ଅବଦାନର ସ୍ୱୀକୃତି ସ୍ୱରୂପ ଆର୍‌ଏସ୍‌ପିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଭିଲିୟନରେ ଆର୍‌ଏସ୍‌ପିର ଐତିହାସିକ ଯାତ୍ରା, ଅଭିବୃଦ୍ଧି ଓ ଓଡ଼ିଶାର ପ୍ରତି ଅବଦାନ, କମ୍ପାନୀର ଉତ୍ପାଦ ସମୂହ, ଉତ୍ପାଦନ ସ୍ଥିତି, କ୍ରୀଡ଼ା ପଦକ୍ଷେପ ଓ ସିଏସ୍‌ଆର କାର୍ଯ୍ୟଧାରା ପରି ପ୍ରମୁଖ ଦିଗ ଗୁଡିକ ପ୍ରଦର୍ଶିତ ହୋଇଥିଲା।


ମହୋତ୍ସବରେ ଆର୍‌ଏସ୍‌ପିର ପି. କେ ସ୍ୱାଇଁ ସମ୍ମାନ ଗ୍ରହଣ କରୁଛନ୍ତି।

## ବାୟୁ ସେନାରେ ନିଯୁକ୍ତି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ବାୟୁସେନାରେ ନିଯୁକ୍ତି ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାୟୁସେନା ନିଯୁକ୍ତି ଶାଖା କେନ୍ଦ୍ର ଭୁବନେଶ୍ୱରରୁ ଆସିଥିବା ସର୍ଜେଣ୍ଟ ଦିପେଶ ଓ ରାହୁଲ ସମେର, ରାଉରକେଲା କର୍ମ ନିୟୋଜନ କାର୍ଯ୍ୟାଳୟର କୌଶଳ ବିକାଶ ଅଧିକାରୀ ବିରେନ୍ଦ୍ର ପ୍ରସାଦ ଯାଦବ ଉପସ୍ଥିତ ଥିଲେ। ଏହି ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଅଗ୍ନିବୀର ଯୋଜନା ସହିତ ବାୟୁସେନାରେ ଭର୍ତ୍ତି ହେବା ପାଇଁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହାସହିତ ଅଗ୍ନିବୀର ବାୟୁ ଅନ୍ତର୍ଗତ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଲାଗି ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ହେଉଥିବା ପଞ୍ଜୀକରଣ ପ୍ରକ୍ରିୟାରେ ପଞ୍ଜୀକରଣ କରାଇବା ପାଇଁ ସୂଚନା ଦେଇଥିଲେ। ଏହି ପଞ୍ଜୀକରଣ ପ୍ରକ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବାରୁ ଏ ସମ୍ପର୍କିତ ଆବଶ୍ୟକ ସୂଚନା ଓ ପ୍ରକ୍ରିୟା ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ୧ ଜାନୁଆରୀ ୨୦୦୫ରୁ ୧ ଜୁଲାଇ ୨୦୦୮ ମଧ୍ୟରେ ଜନ୍ମିତ ତଥା ଆବଶ୍ୟକ ଶିକ୍ଷାଗତ ଓ ଅନ୍ୟ ଯୋଗ୍ୟତା ଥିବା ଆଶାୟୀମାନେ ଏଥିରେ ଭାଗ ନେଇପାରିବେ ବୋଲି ସୂଚନା ଦିଆଯାଇଥିଲା। ସେହିଭଳି ବିଭିନ୍ନ ସମୟରେ ଭାରତୀୟ ସେନାବାହିନୀ ଓ ବାୟୁସେନାରେ ହେଉଥିବା ନିଯୁକ୍ତି ରାଲି ବାବଦରେ ମଧ୍ୟ ସୂଚନା ଦିଆଯାଇଥିଲା। ଅଧ୍ୟକ୍ଷା ଡ. ସାମଲ ଏଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଶାୟୀ ଛାତ୍ରୀଛାତ୍ରମାନେ ବାୟୁସେନାରେ ନିଯୁକ୍ତି ସମ୍ପର୍କରେ ଅନେକ କଥା ଜାଣିବାର ସୁଯୋଗ ପାଇ ଏହାକୁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ। ସହକାରୀ ପ୍ରାଧ୍ୟାପିକା ରାମେଶ୍ୱରୀ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ।

## ପଲ୍ଲିଶ୍ରୀ ମେଳାରେ ଆକର୍ଷିତ କଲା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଷ୍ଟଲ୍

ସୁନ୍ଦରଗଡ଼, ୭।୧(ଜୟନାରାୟଣ ମେଣ୍ଡୁଲି)

**ସଭିଙ୍କୁ ଆଶ୍ଚର୍ଯ୍ୟ କଲା ମହୁଲ, ସଜନା, ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ**

ସୁନ୍ଦରଗଡ଼ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଏବଂ ଓରମାସର ମିଳିତ ଆନୁକୂଲ୍ୟରେ ଜାନୁଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପଡିଆରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଯତ୍‌ରା--୨୦୨୫ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟ, ସୁନ୍ଦରଗଡ ବନଖଣ୍ଡ ଦ୍ୱାରା ନିର୍ମିତ ଷ୍ଟଲ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏହି ଷ୍ଟଲରେ ବନ ସୁରକ୍ଷା ସମିତି ଓ ବନ ବିଭାଗର ମିଳିତ ଉଦ୍ୟମରେ କିଭଳି ଭାବେ ଉଜୁଡା ଜଙ୍ଗଲର ପୁନରୋଦ୍ଧାର, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା, ମୃତ୍ତିକା ଓ ଆଦ୍ରତା ସଂରକ୍ଷଣ, ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମକୁ ଭିତ୍ତିକରି ଏକ ସୁଦୃଢ଼ ପ୍ରକଳ୍ପ ମଡେଲ ପ୍ରସ୍ତୁତ କରାଯାଇଥିଲା। ଏତଦ୍ ବ୍ୟତୀତ ସୁନ୍ଦରଗଡ଼ ବନଖଣ୍ଡର ୫ଟି ବନାଞ୍ଚଳର ବନ ସୁରକ୍ଷା ସମିତି ସ୍ତରରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଏବଂ ଅତି ଗରିବ ପରିବାର ଦ୍ୱାରା ମହୁଲ, ସଜନା ପତ୍ର ଏବଂ ମାଣ୍ଡିଆକୁ ନେଇ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିଯୁକ୍ତ ଖାଦ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରୟ କରାଯାଇଥିଲା। ଏହି ମେଳାରେ ୫ଦିନରେ ନିମନ୍ତ୍ରିତ ସମସ୍ତ ଅତିଥି ଯଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ସୁନ୍ଦରଗଡ ଯୋଗେଶ କୁମାର ସିଂହ, ବିଧାୟକ ରାଜଗାଙ୍ଗପୁର ଡ. ସି.ଏସ ରାଜନ ଏକ୍କା, ରାଉରକେଲା ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଏବଂ ସମସ୍ତ ବ୍ଲକର ଅଧ୍ୟକ୍ଷା ଓ ଅଧ୍ୟକ୍ଷମାନେ ଷ୍ଟଲ ପରିଦର୍ଶନ କରି ମହୁଲରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ଚାଖି କରି ଆଶ୍ଚର୍ଯ୍ୟ ହୋଇଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ବନଜାତ ସାମଗ୍ରୀକୁ ନେଇ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ଏକ ଛୋଟିଆ ଉପହାର ନିମନ୍ତ୍ରିତ ଅତିଥିମାନଙ୍କୁ ପ୍ରଦାନ କରିଥିଲେ।


ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅତିଥିମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଷ୍ଟଲ୍ ପରିଦର୍ଶନ କରୁଛନ୍ତି।

## ରାଇଜିଂ ଷ୍ଟାର ଝାରସୁଗୁଡ଼ା ବିଜୟୀ

ରାଉରକେଲା,୭।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୧୮ତମ ପ୍ରକାଶ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ୍ ଟୁର୍ନାମେଣ୍ଟର ଅଷ୍ଟମ ଦିନରେ ରାଇଜିଂ ଷ୍ଟାର ଝାରସୁଗୁଡା ଓ ୟୁସିସି ରାଞ୍ଚି ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରାଇଜି ଷ୍ଟାର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତୀକ ଯାଦବ ମାତ୍ର ୧୮ ବଲ ଖେଳି ସର୍ବାଧିକ ୨୪ ରନ କରିଥିଲେ। ଜବାବରେ ୟୁସିସି ରାଞ୍ଚି ଦଳ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୫୮ ରନ ସଂଗ୍ରହ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ରବି ରଞ୍ଜନ ସର୍ବାଧିକ ୪୪ ରନ ସଂଗ୍ରହ କରିଥିବାବେଳେ ଝାରସୁଗୁଡା ଦଳର ମୋହିତ କୁମାର ସାହୁ ୬ ଓଭର ବୋଲିଂ କରି ୨୨ ରନ ଦେଇ ସର୍ବାଧିକ ୪ ଉଇକେଟ୍ ନେଇଥିଲେ। ଆଜିର ମ୍ୟାଚ୍‌ରେ ବ୍ୟବସାୟୀ ପ୍ରକାଶ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୋହିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଂଶୁମାନ ଗୋପ ଓ ରାହୁଲ ଛତ୍ରୀ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିବାବେଳେ କୌସ୍ତିକ ମହାନ୍ତି ରନ ତଦାରଖ କରିଥିଲେ। ମଙ୍ଗଳବାର ଜିମ୍‌ଖାନା ଓ ଏହମ୍ମଦ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁଥ କ୍ରିକେଟ୍ କ୍ଲବର ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

## ଝିରପାଣି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ମହୋତ୍ସବ

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ଉପକଣ୍ଠସ୍ଥ ଝିରପାଣି ସରକାରୀ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ମହୋତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉରସେଲା ତିର୍କୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହାଇସ୍କୁଲ ପରିଚାଳନା ସମିତି ସଭାପତି ଜ୍ୟୋତି ମାରିୟମ ଏକ୍କା ଓ ଝିରପାଣି ପଞ୍ଚାୟତର ୱାର୍ଡସଭ୍ୟ ଲକ୍ଷ୍ମଣ ତନ୍ତୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଖେଳଓ୍ୱାଡ ମନୋଭାବ ରଖି କ୍ରୀଡା ପ୍ରଦର୍ଶନ କରିବା ସହ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ଗୌରବ ଅର୍ଜନ କରିବାକୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ମହୋତ୍ସବରେ ହାଇସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


କ୍ରୀଡ଼ା ମହୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିର ଆସନ୍ତା ୧୭ତାରିଖ ଯାଏ ଚାଲିବ। ଏ ନେଇ ଅଧ୍ୟକ୍ଷ କହିଥିଲେ, ବର୍ତ୍ତମାନ ସମୟରେ ମହିଳା ସମାଜ ସମସ୍ତ କ୍ଷେତ୍ରରେ ପାରଙ୍ଗମ। ମହିଳା ସମାଜ ବିନା ଦେଶର ପ୍ରଗତି ଅସମ୍ଭବ। ଏଣୁ କଲେଜର ସମସ୍ତ ଛାତ୍ରୀ ଶିବିରରେ ପ୍ରତିଦିନ ଯୋଗଦେଇ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବା ଦରକାର। ନିଜର ଆତ୍ମସୁରକ୍ଷା ପାଇଁ ଏହି ପ୍ରଶିକ୍ଷଣ ନେବା ନିତାନ୍ତ ଆବଶ୍ୟକ। ଏଥିସହ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଉଦଘାଟନୀ ଶିବିରର ସମସ୍ତ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ନିକ୍କୀ କୁଶ୍ୱାହା, ସ୍ୱାଗତିକା ସାହୁ, ତୁଳସୀ ସାହୁ, ଗାୟତ୍ରୀ ସାହୁ ଏବଂ ଅସମାନୀ ମିଞ୍ଜ ପରିଚାଳନା କରିଥିଲେ। ଶିବିରର ସହ ସଂଯୋଜକ କ୍ୟାପଟେନ ସତ୍ୟନାରାୟଣ ରାଉତ ଏବଂ ଭାଗ୍ୟଲକ୍ଷ୍ମୀ ବେହେରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଯୋଜନା କରୁଛନ୍ତି।


ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରାଯାଉଛି।

## ୩ ବସ୍ତିର ୩୨୦ ହିତାଧିକାରୀ ସାମିଲ

ରାଉରକେଲା,୭।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିଲଟାଉନଶିପ୍ ଅନ୍ତର୍ଗତ ମନଟୋଲା, ଛେଣ୍ଡ ବିପିଯୁଟି ନିକଟ ଏବଂ ବିଦ୍ୟୁତ୍ କଲୋନୀ ବସ୍ତିରେ ରହୁଥିବା ୩୨୦ଜଣ ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଯାଉଛି ରାଉରକେଲା ମହାନଗର ନିଗମ। ଏ ନେଇ ଛେଣ୍ଡରେ ସୁଲଭ ବାସଗୃହ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ଉକ୍ତ ୩ ବସ୍ତିର ହିତାଧିକାରୀଙ୍କ ସୁରକ୍ଷିତ ଆଶ୍ରୟକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ଉଦିତନଗର ପୋଷ୍ଟ ଅଫିସ୍ ପରିସରରେ ମନଟୋଲା ବସ୍ତିବାସୀଙ୍କ ପରିଚୟ ପ୍ରମାଣପତ୍ର ସହିତ ଜରୁରୀକାଳୀନ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ସକାଳ ୮ଟାରୁ ଉଦିତନଗର ପୋଷ୍ଟ ଅଫିସ ସମ୍ମୁଖରେ ବସ୍ତିବାସିନ୍ଦା ନିଜ କାଗଜପତ୍ର ସହ ଲାଇନରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଆଗକୁ ଛେଣ୍ଡ ଓ ବିଦ୍ୟୁତ କଲୋନୀ ବସ୍ତି ଲୋକଙ୍କୁ ସୁଲଭ ବାସଗୃହ ପ୍ରକଳ୍ପରେ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡିଛି।


ଉଦିତନଗର ପୋଷ୍ଟ ଅଫିସ ଆଗରେ ବସ୍ତିବାସୀ ଧାଡ଼ିରେ ଛିଡା ହୋଇଛନ୍ତି।

**ସୁଲଭ ବାସଗୃହ ପ୍ରକଳ୍ପ**

ପ୍ରକାଶଥାଉକି, ଗତ ଡିସେମ୍ବର ୨୧ତାରିଖରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ରାଉରକେଲା ଛେଣ୍ଡଠାରେ ନିର୍ମିତ ସୁଲଭ ବାସଗୃହ ପରିଦର୍ଶନ କରିବା ସହ ପ୍ରକଳ୍ପରେ ସୁବିଧା ସୁଯୋଗ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଏଥିସହ ସହରରେ ଏଭଳି ପ୍ରକଳ୍ପ ଅଧିକରୁ ଅଧିକ ନିର୍ମାଣ କରି ବସ୍ତି ବାସିନ୍ଦାଙ୍କ ସୁରକ୍ଷିତ ଆଶ୍ରୟକୁ ସୁନିଶ୍ଚିତ କରିବା ପାଇଁ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆର୍‌ଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ୩ଟି ବସ୍ତି ବାସିନ୍ଦାଙ୍କୁ ଚିହ୍ନଟ କରି ଥଇଥାନ କରିବାକୁ କାର୍ଯ୍ୟକ୍ରମ କରାଯାଇଥିଲା।

**ଦେଓଝରଣ ବିକାଶ ପାଇଁ ବିକାଶ ମଞ୍ଚର ଦାବି**

ସମ୍ବଲପୁର,(ଭବାନୀଶଙ୍କରଭୋଇ):ସମ୍ବଲପୁରଜିଲ୍ଲାଯୁଯୋମୁରାନିକଟଦେଓଝରଣପର୍ଯ୍ୟଟନସ୍ଥଳୀରବିକାଶପାଇଁଦେଓଝରଣବିକାଶମଞ୍ଚଦାବିକରିଛି।ମଙ୍ଗଳବାର ମଞ୍ଚର ଏକ ପ୍ରତିନିଧି ଦଳ ସମ୍ବଲପୁର ଡିଏଫଓଙ୍କୁ ଭେଟି ଆଲୋଚନା କରିଥିଲା। ଦେଓଝରଣଠାରେ ବହୁଦିନରୁ ପଡ଼ି ରହିଥିବା ବୋଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଥିଲା। ଏହାସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ପିଣ୍ଡି, ଶୌଚାଳୟ ନିର୍ମାଣ, ଆବଶ୍ୟକ ସଫେଇ ବ୍ୟବସ୍ଥା ସହ ଏହାର ସୁପରିଚାଳନା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଦେଓଝରଣ ବିକାଶ ମଞ୍ଚ ଆବାହକ ଅରୁଣ ଦେହୁରୀ, ସଭାପତି ବିରେନ ଭୋଇ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୪୪୬ ଛାତ୍ରୀଛାତ୍ର ଦେଲେ ଓଏଭି ପ୍ରବେଶିକା ପରୀକ୍ଷା

**ଜମନକିରା, ୭ା୧ (ରବୀନ୍ଦ୍ର ପ୍ରସାଦ ଦାନୀ)**

ଜମନକିରା ବ୍ଲକର ୪୪୬ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବ୍ଲକର ୨୧ ପଞ୍ଚାୟତରୁ ୪୮୦ ଜଣ ପଞ୍ଜିକୃତ ହୋଇଥିଲେ। ଚିନିମହୁଲସ୍ଥିତ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ୩୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୮୨ଜଣ ପରୀକ୍ଷା ଦେଇଥିବା ବେଳେ ଜମନକିରା ପଞ୍ଚାୟତ ସରକାରୀ ବିଦ୍ୟାଳୟରେ ୧୮୦ଜଣଙ୍କ ମଧ୍ୟରୁ ୧୬୪ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏହି ସେଣ୍ଟରରେ ଷଷ୍ଠ ଶ୍ରେଣୀ ପାଇଁ ୬୨ ରୁ ୬୦, ସପ୍ତମ ଶ୍ରେଣୀ ପାଇଁ ୬୪ରୁ ୫୪, ଅଷ୍ଟମ ଶ୍ରେଣୀ ପାଇଁ ୩୮ରୁ ୩୬ ଏବଂ ନବମ ଶ୍ରେଣୀ ପାଇଁ ୧୬ରୁ ୧୪ ଜଣ ପରୀକ୍ଷା ଦେଇଥିଲେ। ଉଭୟ ପରୀକ୍ଷା କେନ୍ଦ୍ର ପାଇଁ ପର୍ଯ୍ୟବେକ୍ଷକ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ପ୍ରମୁଖଙ୍କ ସମେତ ଶିକ୍ଷା ବିଭାଗ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀ ପାଇଁ ପରୀକ୍ଷା ସମୟ ରହିଥିବା ବେଳେ, ସପ୍ତମରୁ ନବମ ଶ୍ରେଣୀ ପାଇଁ ସମୟ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ରହିଥିଲା। ଉଭୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ନନ୍ଦ, ସହକାରୀ ଅଧ୍ୟାପକ, ଅଧ୍ୟାପିକା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

### ଚାଲାଣ ବେଳେ ୪୪କିଲୋ ଗଞ୍ଜେଇ ଜବତ, ୨ଗିରଫ

**ସମ୍ବଲପୁର,୭ା୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲ୍ଲା ଧନୁପାଲି ଛକରେ ଜିଲ୍ଲା ଅବକାରୀ ସ୍କ୍ୱାଡ ଚଢ଼ାଉ କରି ଏକ କାର(ୟୁପି-୩୩-ବିବି-୨୨୨୦)ରୁ ୪୪କିଲୋ ଗଞ୍ଜେଇ ଜବତ କରିଛି। ଏହାସହ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଓ ଚୋରା ଚାଲାଣରେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଞ୍ଜାବ ଲୁଧିଆନାର ଲଖବିନ୍ଦର ସିଂ(୨୯) ଓ କୁଲଦୀପ(୨୯)। ସମ୍ବଲପୁର ସହରରେ ପାଟ୍ରୋଲିଂ କରୁଥିବା ଆବକାରୀ ସ୍କ୍ୱାଡଙ୍କୁ ବିଶ୍ୱସ୍ତ ସୂତ୍ରରୁ ସମ୍ବଲପୁର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ମିଳିଥିଲା। ସୂଚନା ଅନୁସାରେ ସ୍କ୍ୱାଡ ଧନୁପାଲିଛକରେ ଛକି ରହିଥିଲା। ଏହି ସମୟରେ ସେଠାରେ ବାହାର ରାଜ୍ୟର ନମ୍ବର ଥିବା ଗାଡ଼ିକୁ ଦେଖି ଅବକାରୀ ବିଭାଗ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଗାଡ଼ିରେ ଦୁଇଟି ଧଳା ଜରିବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଗାଡ଼ିରେ ଥିବା ୨ ଯୁବକ ପଚାରଉଚରା ବେଳେ ସେମାନେ ବୌଦ୍ଧରୁ ସମ୍ବଲପୁର ଦେଇ ପଞ୍ଜାବକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା କହିଥିଲେ। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟଙ୍କ ପରଲୋକ

**ସମ୍ବଲପୁର, ୭ା୧ (ପ୍ରମୋଦ ବହିଦାର)**

ସମ୍ବଲପୁର ସହରର ଯୁବ ଠିକାଦାର ତଥା ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସକ୍ରିୟ ସଦସ୍ୟ ଦେବାଶିଷ ପଣ୍ଡା(୪୮)ଙ୍କ



ପରଲୋକ ଘଟିଛି। ସୋମବାର ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ହୃଦଘାତରେ ତାଙ୍କର ପରଲୋକ ଘଟିଛି। ମଙ୍ଗଳବାର ସ୍ଥାନୀୟ ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେ ତାଙ୍କ ପଛରେ ବିଧବା ପତ୍ନୀ ଓ ଏକମାତ୍ର ସନ୍ତାନଙ୍କୁ ଛାଡ଼ି ଯାଇଛନ୍ତି। ସେ ଜଣେ ସରଳ, ବନ୍ଧୁବତ୍ସଳ, ଆମାୟିକ, ପରୋପକାରୀ ଯୁବକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ମୁଦିପଡା ଶୀତଳଷଷ୍ଠୀ ଯାତ୍ରା ତଥା ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଚାକିରି ପଛରେ ନଗୋଡ଼ାଇ ଆତ୍ମନିର୍ଭରଶୀଳ ହୁଅ

**କୁଚିଣ୍ଡା, ୭ା୧ (ବିରଞ୍ଚି ଦର୍ଜୀ)**




ଶିବିରରେ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ(ଓଏସଡିଏ) ତଥା ସମ୍ବଲପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର କୁଚିଣ୍ଡା ଟାଉନ ହଲ ଠାରେ କୁଚିଣ୍ଡା ବ୍ଲକସ୍ତରୀୟ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ବେକାର ଯୁବତୀଯୁବକମାନେ ସରକାରୀ ଚାକିରୀ ପଛରେ ଗୋଡାଣିଆ ନହୋଇ ନିଜ ଦକ୍ଷତା ପ୍ରତିପାଦିତ ପୂର୍ବକ ବିଭିନ୍ନ ତାଲିମ ଗ୍ରହଣ କରି ଆତ୍ମନିଭରଶୀଳ ହେବାକୁ ପ୍ରଧାନ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଦକ୍ଷତା ବିକାଶ ତଥା ଜିଲା ନିୟୋଜନ ସଂସ୍ଥା ଉପନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ, ଭାରତୀୟ ଷ୍ଟେଟ ବ୍ୟାଙ୍କ (ଆରଇସିଟିଆଇ) ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ତ୍ରିପାଠୀ, ବ୍ଲକପାଛର ଜିଲା ସଂଯୋଜକ ସାଧନା ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ସ୍ୱଳ୍ପ ସମୟ ମଧ୍ୟରେ ବିଭିନ୍ନ ତାଲିମ ଗ୍ରହଣ କରି ସରକାରୀ ଚାକିରିଠାରୁ ଅଧିକ ରୋଜଗାର କରି ନିଜ ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଶିବିରରେ ଗୋଶାଳା ଓ ଅର୍ଡାବାହାଲର ସାହି ଏକ୍ସପୋର୍ଟ ପ୍ରାଇଭେଟ ଲିଃ ରାଉରକେଲାର ସିଆଇପିଇଟି, ଗ୍ରାମ ତରଙ୍ଗ, ଷ୍ଟେଟ ଇନଷ୍ଟିଚ୍ୟୁଶନ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବ୍ଲାକ ପାନ୍ଥର ଗାର୍ଡସ ଆଣ୍ଡ ସର୍ଭିସ, ଏସବିଆରଏସଇଟିଆଇ, ସ୍କିଲ କୋନେକ୍ଟ ସର୍ଭିସ ଏଲଏଲପି, ରେଙ୍ଗାଲି ସରକାରୀ ପଲିଟେକନିକ, ହୀରାକୁଦ ଓ ରାସନପୁରର ସରକାରୀ ଆଇଟିଆଇ ଏଭଳି ୧୦ଗୋଟି ପ୍ରମୁଖ ନିଜ ନିଃଶୁଳ୍କ ତାଲିମ ପ୍ରଦାନକାରୀ ସଂସ୍ଥା ସାମିଲ ହୋଇଥିଲେ। ୧୮ରୁ ୩୫ବର୍ଷ ମଧ୍ୟରେ କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରୁ ମୋଟ ୨୨୩ଜଣ ଆଶାୟୀ ମହିଳାପୁରୁଷଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ଆସିଥିବା ପ୍ରମୁଖ ସଂସ୍ଥା ସେମାନଙ୍କ ନାମ ଟ୍ୟାଗ କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିପିଏମ ବିଳାସୀ ଖାଲକୋ, ସେକ୍ସନ ଅଫିସର ତରୁଣପ୍ରସାଦ ବିଶ୍ୱାଳ, ସିପି ସୁଦୀପ ଲାକ୍ରା,ବିଏଲସି ସୁବାସ ପଣ୍ଡା ସହଯୋଗ କରିଥିଲେ।

# ଛାତ୍ରୀଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ତାଲିମ ଜରୁରୀ

**ସମ୍ବଲପୁର,୭ା୧ (ଭବାନୀ ଶଙ୍କର ଭୋଇ)**

ହୀରାକୁଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର କଳା ଓ ବାଣିଜ୍ୟର ଛାତ୍ରୀ ମାନଙ୍କ ପାଇଁ ମଙ୍ଗଳବାର ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଡ଼ ସ୍ମିତିଶିଖା ଗୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୀରାକୁଦ ଥାନା ଆଇଆଇସି ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବର୍ତ୍ତମାନ ସ୍ଥିତିରେ ଆତ୍ମ ସୁରକ୍ଷାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଆତ୍ମ ସୁରକ୍ଷା ପାଇଁ ଏହି ତାଲିମ ଛାତ୍ରୀମାନଙ୍କୁ ନିଜର ସୁରକ୍ଷା ଦିଗରେ କିପରି ସାହାଯ୍ୟ କରିବ ସେହି ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ଼ ମଞ୍ଜୁଲତା ପଣ୍ଡା ଆତ୍ମରକ୍ଷା ତାଲିମର ଆବଶ୍ୟକତା ବିଷୟରେ କହିଥିଲେ। ପ୍ରଶିକ୍ଷିକା ସୁଶ୍ରୀ ଅର୍ଚ୍ଚନା ପ୍ରିୟଦର୍ଶିନୀ ବାଗ ତାଲିମ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜିକା ଡ଼ ସ୍ମିତିଶିଖା ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଭୟ କଳା ଓ ବାଣିଜ୍ୟ ବିଭାଗ ଛାତ୍ରୀମାନେ ତାଲିମ ଗ୍ରହଣ କରିଥିଲେ।




ହୀରାକୁଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

# ୨୧ ମଣ୍ଡଳ ଭାଜପା ସଭାପତିଙ୍କ ନାମ ଘୋଷଣା

**ସମ୍ବଲପୁର,୭ା୧ (ଭବାନୀ ଶଙ୍କର ଭୋଇ)**

## ସମ୍ବଲପୁର ଜିଲ୍ଲା

ସମ୍ବଲପୁର ଭାଜପା ସାଙ୍ଗଠନିକ ଜିଲାର ୨୭ଟି ସାଙ୍ଗଠନିକ ମଣ୍ଡଳରୁ ୨୧ଟି ମଣ୍ଡଳରେ ମଙ୍ଗଳବାର ସଭାପତି ଓ ମଣ୍ଡଳ ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଛି। ନାକଟିଦେଉଳ ମଣ୍ଡଳ ସଭାପତି ଭାବେ ଦିଲୀପ କୁମାର ସାହୁ ଓ ମଣ୍ଡଳ ପ୍ରତିନିଧି ଭାବେ ପୂର୍ଣ୍ଣଚନ୍ଦ୍ର ଗଡତିଆ ନିଯୁକ୍ତ ହୋଇଛନ୍ତି। ପଡିଆବାହାଲ ମଣ୍ଡଳ ସଭାପତି ଭାବେ ଆକାଶ ମିଶ୍ର ଓ ମଣ୍ଡଳ ପ୍ରତିନିଧି ଗୋକୁଳାନନ୍ଦ ସାହୁ, ଚାରମାଳ ମଣ୍ଡଳ ସଭାପତି ଭାବେ ଧରଣୀଧର ସାହୁ ଓ ମଣ୍ଡଳ ପ୍ରତିନିଧି ଭାବେ ଶିରିଷ କୁମାର ତ୍ରିପାଠୀ, ବାମରା ମଣ୍ଡଳ ସଭାପତି ଭାବେ ବିଷ୍ଣୁ କୁମାର ଅଗ୍ରୱାଲ ଓ ମଣ୍ଡଳ ପ୍ରତିନିଧି ଝସକେତନ ପଟେଲ, ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ମନୋଜ ମାଝୀ ଓ ମଣ୍ଡଳ ପ୍ରତିନିଧିଭାବେ ପବନ କୁମାର ପଟେଲଙ୍କ ନାମ ଘୋଷିତ ହୋଇଛି।

କେଶେଇବାହାଲ ମଣ୍ଡଳ ସଭାପତି ଭାବେ ନିରଜ ସାହୁ, ମଣ୍ଡଳ ପ୍ରତିନିଧି ପଦ୍ମ ଚରଣ ଗୁରୁ, ଚଇନ୍ତ୍ରା ସଭାପତି ରାଜକୁମାର ରକସା ଓ ମଣ୍ଡଳ ପ୍ରତିନିଧି ସୁରେନ୍ଦ୍ର ସେଠ, ଗୁଦଗୁଦା ସଭାପତି ଚୁଡାମଣୀ ମକରା, ମଣ୍ଡଳ ପ୍ରତିନିଧି ଉପେନ୍ଦ୍ର ପଟେଲ, ଜମନକିରା ସଭାପତି ବିଜୟ କୁମାର ନାଏକ, ମଣ୍ଡଳ ପ୍ରତିନିଧି ସୁଶିଲ କୁମାର ମୁଦୁଲି, ମାନେଶ୍ୱର ସଭାପତି ଭାବେ ବିଭୂତି ଭୁଷଣ ପାଢୀ, ମଣ୍ଡଳ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, ଲଇଡା ମଣ୍ଡଳ ସଭାପତି ଅଜୟ କୁମାର ମହାପାତ୍ର, ମଣ୍ଡଳ ପ୍ରତିନିଧି ଗୁରୁଚରଣ ଦାସଙ୍କୁ ବଛା ଯାଇଛି। ସେହିପରି ଶାସନ ସଭାପତି ଭାବେ ମହେନ୍ଦ୍ର କୁମାର ଭୋଇ ଓ ମଣ୍ଡଳ ପ୍ରତିନିଧି ମହେନ୍ଦ୍ର କୁମାର ମିଶ୍ର, ସମଲେଶ୍ୱରୀ ସଭାପତି ରିଙ୍କି ବେହେରା ଓ ମଣ୍ଡଳ ପ୍ରତିନିଧି ଲକ୍ଷ୍ମୀ ନାରାୟଣ ପଟେଲ, ମହାନଦୀ ସଭାପତିଭାବେ କବିନ୍ଦ୍ର କୁମାର ମହାପାତ୍ର ମଣ୍ଡଳ ପ୍ରତିନିଧି ଭାବେ ଅରୁଣ କୁମାର ଦାସ, ସନ୍ଥକବି ଭୀବ ଭୋଇ ସଭାପତି ଭାବେ ଶାନ୍ତନୁ ବାରିକ ମଣ୍ଡଳ ପ୍ରତିନିଧି ଭାବେ ସର୍ଙ୍କିର୍ତ୍ତନ ଶାସନୀଙ୍କ ନାମ ଘୋଷିତ ହୋଇଛି। ଅନୁରୂପଭାବେ ରେଢାଖୋଲ ଏନଏସି ସଭାପତି ଭାବେ ସୁଷମା ମୁଣ୍ଡା ଓ ମଣ୍ଡଳ ପ୍ରତିନିଧିଭାବେ ବିଚିତ୍ରାନନ୍ଦ ସାହୁ, କିସିଣ୍ଡା ସଭାପତି ଭାବେ ସୁଶାନ୍ତ ଭୁଡିଆ ଓ ମଣ୍ଡଳ ପ୍ରତିନିଧି ଦେବରାଜ କାଲୋ, ବୀରସାମୁଣ୍ଡା ସଭାପତି ଭାବେ ଅବିନାଶ ନନ୍ଦ ଓ ମଣ୍ଡଳ ପ୍ରତିନିଧି ଓଲ୍ଲାସ ଚନ୍ଦ୍ର ବାରିକ, ସାକ୍ଷୀ ଗୋପୀନାଥ ମଣ୍ଡଳ ସଭାପତି ବଳରାମ ମହାପାତ୍ର ଓ ମଣ୍ଡଳ ପ୍ରତିନିଧି ସରୋଜ କୁମାର ଘଡେଇ, ହୀରାକୁଦ ପରମିନ୍ଦର ସିଂହ ମଣ୍ଡଳ ପ୍ରତିନିଧି ନାରାୟଣ ଚନ୍ଦ୍ର ପଣ୍ଡା, ବୁର୍ଲା ସଭାପତି ଆକାଶ ସରୂପ ଆଚାର୍ଯ୍ୟ, ମଣ୍ଡଳ ପ୍ରତିନିଧିଭାବେ ଅଶୋକ ସାହୁଙ୍କ ନାମ ଘୋଷଣା କରାଯାଇଛି। ତେବେ ରେଙ୍ଗାଲି ବିଧାନସଭା ନିବାଚନ ମଣ୍ଡଳୀର ତିନୋଟି, ରେଢ଼ାଖୋଲ ବିଧାନସଭାର ୨ଟି ଓ କୁଚିଣ୍ଡା ବିଧାନସଭା କ୍ଷେତ୍ରର ଗୋଟିଏ ମୋଟ ଅବଶିଷ୍ଟ ୬ଟି ମଣ୍ଡଳର ସଭାପତି ଓ ପ୍ରତିନିଧିଙ୍କ ନାମ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି।

# ସିବିଆଇ ସମ୍ବଲପୁର କ୍ଷେତ୍ରର ବନ୍ଧୁମିଳନ

**ଭୁବନେଶ୍ୱର,୭ା୧ (ଅଭୟ ଦାଶ)**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ସିବିଆଇର ସମ୍ବଲପୁର କ୍ଷେତ୍ର ପକ୍ଷରୁ ଏକ ବନ୍ଧୁ ମିଳନ (ଫ୍ୟାମିଲି ଗେଟ୍ ଟୁଗେଦର୍) ର ଆୟୋଜନ ସମ୍ବଲପୁରସ୍ଥିତ ହୋଟେଲ ସିଲଭର ମୁନଠାରେ କରାଯାଇଥିଲା। ଯେଉଁଥିରେ ସିବିଆଇ ସମ୍ବଲପୁର ଅଞ୍ଚଳର ୪୬ ଶାଖାର ୨୫୦ରୁ ଅଧିକ ଅଧିକାରୀ,କର୍ମଚାରୀ ଏବଂ ସେମାନଙ୍କ ପରିବାର ଅଂଶଗ୍ରହଣ କରିଥିଲେ।

ସେହିଭଳି ନିକଟରେ ସମ୍ବଲପୁର ଗସ୍ତରେ ଆସିଥିବା ରାୟପୁର ଅଞ୍ଚଳର ଆଞ୍ଚଳିକ ପ୍ରମୁଖ ବି. ଆର୍. ରାମକୃଷ୍ଣ ନାୟକ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିବିଆଇ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରମୁଖ ଦିବ୍ୟେନ୍ଦୁ କୁମାର, ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ମୁଖ୍ୟ ପ୍ରବନ୍ଧକ ରଞ୍ଜନ କୁମାର ଏବଂ ମୁଖ୍ୟ ପ୍ରବନ୍ଧକ ଅମିତ ଝା ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ ଏହି ସମାବେଶକୁ ନାୟକ ସମ୍ବୋଧିତ କରି କହିଥିଲେ, ଜଣେ କର୍ମଚାରୀଙ୍କ ଜୀବନର ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିବା ତଥା ଏକ ସଂଗଠନର ସଫଳତା ପାଇଁ ପରିବାର ଗୁରୁତ୍ୱପୂର୍ଣ୍ଣ ଅଟେ, ଫଳସ୍ୱରୂପ ଏକ ସଂଗଠନର ଅଭିବୃଦ୍ଧି ପାଇଁ ଏକ ପରିବାର ଏକତ୍ର ହେବା ଜରୁରୀ । ସେହିପରି ନାୟକ ସମସ୍ତ ଉତ୍ତମ କାର୍ଯ୍ୟ ନିଷ୍ପାଦନ କରିଥିବା ଅଧିକାରୀ ତଥା କର୍ମଚାରୀଙ୍କୁ ସେମାନଙ୍କ ପରିବାର ସହିତ ପୁରସ୍କୃତ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ, ଗୀତ, ଖେଳ ଓ ମ୍ୟାଜିକ ଶୋ) ସାଙ୍ଗକୁ ସୁସ୍ୱାଦୁ ବ୍ୟଞ୍ଜନକୁ ସପରିବାର ଉପଭୋଗ କରିଥିଲେ। ଏଭଳି ଅନନ୍ୟ କାର୍ଯ୍ୟକ୍ରମ ପାଇଁ ବ୍ୟାଙ୍କର କର୍ମଚାରୀ ତଥା ସେମାନଙ୍କ ପରିବାର ଗର୍ବ ଅନୁଭବ କରିଥିଲେ ଏବଂ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟାଙ୍କର ଶୀର୍ଷ ପରିଚାଳନା ପ୍ରତି କୃତଜ୍ଞତା ଜଣାଇଲେ। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବା ବରିଷ୍ଠ ଅଧିକାରୀ ଦୀପକ ପ୍ରଧାନ ଏବଂ ଶିଶିର ବେହେରାଙ୍କୁ ମଧ୍ୟ ସମସ୍ତେ ପ୍ରଶଂସା କରିଥିଲେ।







ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ପ୍ରବାସୀ ଭାରତୀୟ ଦିବସ ପାଳିତ

**ସମ୍ବଲପୁର,୭ା୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୁଯୁମୁରା ହାଇସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଉଜାଗର ପଧାନ ଯୋଗ ଦେଇଥିଲେ। ଯୁଯୋମୁରା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମେଣ୍ଡଲି, ହାଇସ୍କୁଲ ପରିଚାଳନା କମିଟି ସଭାପତି ସୁଧିର ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ବିକାଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଡଲୋଇସିଂହ ସିଆରସିସି ବିଜଲା ମୁଣ୍ଡା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦିବସ ପାଳନ ଉପଲକ୍ଷେ ପ୍ରବନ୍ଧ ଲିଖନ, ପୋଷ୍ଟର, ସାଇକେଲିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଦିବାସୀ ମେଳାରେ ୨ ପରିବା ଚାଷୀ ପୁରସ୍କୃତ

**କୁଚିଣ୍ଡା, ୭ା୧ (ବିରଞ୍ଚି ଦର୍ଜୀ)**

ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ୨ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। କୁଚିଣ୍ଡା ବ୍ଲକ କୁ.ଜମନକିରା ପଞ୍ଚାୟତ ବଡମୁଣ୍ଡାଲୋଇ ଗ୍ରାମର ମହିଳା ଚାଷୀ ମାଳତୀ କିଷାନ ଓ ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତ କେନ୍ଦୁପାଣି ଗ୍ରାମର ଚାଷୀ ପରମେଶର ବାଘଙ୍କୁ ଗତ ୫ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରେଷ୍ଠ କୃଷକ ପୁରସ୍କାର ପ୍ରଦାନ କରିଛନ୍ତି। ଗ୍ରାମର ଟାଙ୍ଗରା ଭୂମିକୁ ଜୈବିକ ପଦ୍ଧତିରେ ଚାଷକରି ସବୁଜିମାରେ ପରିଣତ କରିବା ସହ ରୋଜଗାର ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିବାରୁ ଉଭୟଙ୍କୁ ସମ୍ମାନିତ କରାଯାଇଛି। ପ୍ରକାଶଥାଉକି, ମହିଳା ଚାଷୀ ମାଳତୀ ଓ ପରମେଶର ଓଟିଇଏଲପି କାର୍ଯ୍ୟକ୍ରମ ସହାୟତାରେ ଉଭୟେ ୧୦ଏକର ଲେଖାଏ ଜମିରେ ବାଇଗଣ, ଟମାଟୋ, ମିଠାମକା, ଫୁଲ ଓ ବନ୍ଧାକୋବି, ଭେଣ୍ଡି, ଝୁଡଙ୍ଗ, କଖାରୁ ଆଦି ପରିବା ଚାଷକରି ବାର୍ଷିକ ୨ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଆସୁଛନ୍ତି। ଏହି ସଫଳତା ପାଇଁ ସେମାନେ କୁଚିଣ୍ଡା ଆଇଟିଡିଏ ଓଟିଇଏଲପି ପ୍ଲସର ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ପୁରସ୍କାର ଓ ସମ୍ମାନ ସେମାନଙ୍କୁ ଅଧିକ ଚାଷ କରିବା ନିମନ୍ତେ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମାଳତୀଙ୍କୁ ଶ୍ରେଷ୍ଠ କୃଷକ ପୁରସ୍କାର ପ୍ରଦାନ କରୁଛନ୍ତି।

# ଯୁବ ଉତ୍ସବ ଉଦ୍‌ଘାଟିତ

- ଚଳଚ୍ଚିତ୍ର ପ୍ରଚ୍ଛଦ ପଟ୍ଟ ଗାୟକଙ୍କ ଗୀତରେ ଝୁମିଲେ ଦର୍ଶକ
- ଶିତୁଆ ରାତିରେ ଶାନଙ୍କ ଗୀତ ମନ୍ତ୍ରମୁଗ୍ଧ କଲା

**ସମ୍ବଲପୁର,୭ା୧ (ଭବାନୀ ଶଙ୍କର ଭୋଇ/ବି.ଶଙ୍କର)**




ମଙ୍ଗଳବାର ରାତିରେ ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ସମ୍ବଲପୁର ଜିଲା ସଂସ୍କୃତି ପରିଷଦ ଆୟୋଜିତ ଯୁବ ମହୋତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର ଜିଲ୍ଲା ସଂସ୍କୃତି ପରିଷଦ ଆୟୋଜିତ ଦୁଇଦିନିଆ ଯୁବ ମହୋତ୍ସବ ମଙ୍ଗଳବାର ରାତିରେ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଜୁହାର ସମ୍ବଲପୁର ସମ୍ବୋଧନ କରି କହି ସହସ୍ରାଧିକ ଦର୍ଶକଙ୍କୁ ଯୁବ ଉତ୍ସବରେ ସ୍ୱାଗତ କରି ବଲିଉଡର ଲୋକପ୍ରିୟ ଗାୟକ ଶାନ୍ତନୁ(ଶାନ)। ଯୁବ ଉତ୍ସବରେ ଲୋକପ୍ରିୟ ସମ୍ବଲପୁରୀ ରଙ୍ଗବତୀ ଗୀତ ଗାଇ ଦର୍ଶକମାନଙ୍କୁ ବିଭୋର କରିଥିଲେ। ଶାନ ହିନ୍ଦୀ ଗୀତ ସହ ତପୁ ମିଶ୍ରଙ୍କୁ ମନେ ପକାଇ କିଛି ଓଡିଆ ଗୀତ ଗାଇଥିଲେ। ଓମ ଶାନ୍ତି ଓମ, ମୁସୁମୁସୁ ହାସି, ସାବରିୟା, ସପନୋ କେ ଦିନ ହେ ସପନୋକି ରାତେ, କୋଇ କହେ କେହତା ରହେ ହମକୋ ଦିୱାନା, ହମ ହେ ନୟେ ଅନ୍ଦାଜ କ୍ୟୁହୋ ପୁରାନା ଓ ସଜଣା ଭଳି ଲୋକପ୍ରିୟ ହିନ୍ଦୀ ଗୀତରେ ଦର୍ଶକମାନେ ନାଚିଥିଲେ। ତେବେ ସମ୍ବଲପୁରୀ ଭାଷାରେ ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତ ଦର୍ଶକମାନଙ୍କୁ ଆହୁରି ଝୁମାଇଥିଲା । ସେହିପରି ଶିତୁଆ ରାତିରେ ଶାନଙ୍କ ବେହତୀ ହୱାସା ଥାଓ ଗୀତରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ତେବେ କାର୍ଯ୍ୟକ୍ରମ ମଝିରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ ଯୁବପିଢିକୁ ନୂତନ କିଛି କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିବାକୁ ଗାୟକ ଶାନ ଆହ୍ୱାନ ଦେଇଥିଲେ। ଯୁବ ଉତ୍ସବରେ ଦର୍ଶକମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ଜିଲାପାଳ ଡାକ୍ତର ମୃଣାଳିନୀ ଦର୍ସୱାଲ, ଏସପି ମୁକେଶ ଭାମୁ ସାମିଲ ହୋଇ ଶାନଙ୍କୁ ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ର ସ୍ମୃତି ଫଳକ ଏବଂ ସମ୍ବଲପୁରୀ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମ୍ବଲପୁର ମହାନଗର କମିଶନର ବେଦ ଭୂଷଣଙ୍କ ସଂଯୋଜନାରେ ଯୁବ ଉତ୍ସବ ହୋଇଥିଲା। ସମ୍ବଲପୁର ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ପ୍ରଫୁଲ କୁମାର ହୋତା ଓ ସହ ସଂଯୋଜକ ରଞ୍ଜନ ସାହୁ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରଇଥିଲେ। ମୁଖ୍ୟ ଅତିଥି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଥିଲେ ଯେ, ସମ୍ବଲପୁର ମାଟିର ମହତ୍ତ୍ୱ ନିଆରା। ଏହି ମାଟି ପବିତ୍ର। ଯୁବକମାନେ ସେବା ମନୋବୃତ୍ତି ନେଇ ସମ୍ବଲପୁରକୁ ଜିଲ୍ଲା ପ୍ରଶାସନର ସହାୟତାରେ ଏକ ଅପରାଧମୁକ୍ତ ଜିଲା ଭାବରେ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ କହିଥିଲେ ଯେ, ଆମେ ଆମର କଳା ଓ ସଂସ୍କୃତିର ସଂରକ୍ଷଣ ସକାଶେ ଏଭଳି ମହୋତ୍ସବରେ ସୁଯୋଗ ପାଉଛୁ । ତେଣୁ ଆଗକୁ ଅଧିକ ଯୁବ ଉତ୍ସବ କରିବା ଆବଶ୍ୟକତା ରହିଛି। ଶ୍ୟାମ ମେଟାଲିକର ନିର୍ଦ୍ଦେଶକ ଦେବ କୁମାର ତିୱାରୀ, ପଦମପୁରର ଏଡିଏମ କୁନାଲ ଚୌହାନ, ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ଜମନକିରା ବ୍ଲକ ଅଧକ୍ଷ ଆଶ୍ରିତା ଭୋଇ, ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ସଂଯୋଜକ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଉତ୍ସବ ଉଦଘୋଷିକା ମିମାଂସା ପ୍ରିୟଦର୍ଶିନୀ ରଥଙ୍କ ଉଦ୍‌ଘୋଷଣା କରିଥିଲେ । କଣ୍ଠଶିଳ୍ପୀ ସଚିନ ଏକ ଓଡ଼ିଆ ଗୀତ ହେ ଜଗା ତୋ କଳା ଅନ୍ଧାରରୁ ଆରମ୍ଭ ହୋଇଥିଲା ମଙ୍ଗଳବାର ସନ୍ଧ୍ୟାର ସଙ୍ଗୀତର କାର୍ଯ୍ୟକ୍ରମ। ଏହାପରେ ସେ ଏକ ସମ୍ବଲପୁରୀ ଗୀତ ଆମେ ସମ୍ବଲପୁରିଆ ଗାନ କରିଥିଲେ। ସେହିପରି ଓଲିଉଡ ଗାୟିକା ସୋନମ ଦାସ ମଧ୍ୟ ଗୀତ ପରିବେଷଣ କରିଥିଲେ।



ଯୁବ ମହୋତ୍ସବରେ ବଲିଉଡ ଗାୟକ ଶାନ ଗୀତ ଗାନ କରୁଛନ୍ତି।

## ଦୋକାନରୁ ଚୋରି

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମର ରାଧାକୃଷ୍ଣ ମନ୍ଦିରକୁ ଲାଗିରହିଥିବା ଡେଲି ନିଡ୍ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ତୁଳ ଚର୍ଦ୍ଧ ଦେବ ଗ୍ରାମର ଜିତେଶ ମେହେର ଏହି ଦୋକାନ ଖୋଲିଛନ୍ତି । ସବୁଦିନ ପରି ଦୋକାନ ସନ୍ଧ୍ୟା ବେଳ ବନ୍ଦ କରି ଘରକୁ ଆସିଥିଲେ । ହେଲେ ବିଳମ୍ବିତ ରାତିରେ ଚୋର ସ୍ୱାଏ ଲାଗତ ଭାଙ୍ଗି ଦୋକାନ ଭିତରେ ପଶି ନଗଦ ୧୦ ହଜାର ଟଙ୍କା, ସିଗାରେଟ ପ୍ୟାକେଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛି । ପୋଲିସ ଘଟଣାର ତଦନ୍ତ କରି ଚୋରକୁ ଧରିବାକୁ ସାଧାରଣରେ ଦାବି ହେଉଛି ।

# 'ସରକାରୀ ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଘୋଷଣା ହେଉ'





ମଠଖାଇ ଅଧକ୍ଷ ନରସିଂହ ମିଶ୍ର ଦଣ୍ଡ ନୃତ୍ୟ କଳାକାର ବିପିନ ଜାଲଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି(ବାମ), କୋଶଲୀ ନାଟକ ଉପରାର ଏକ ଦୃଶ୍ୟ ।

**୧୬ଶ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**

■ ମଞ୍ଚସ୍ଥ ହେଲା କୋଶଲୀ ନାଟକ ଉଲପୀ

■ ଦଣ୍ଡ ନୃତ୍ୟଗୁରୁ ବିପିନ ଜାଲଙ୍କୁ ମଠଖାଇ ସମ୍ମାନ

ବଲାଙ୍ଗୀର,୭।୧(ବୀରେନ୍ଦ୍ର କୁମାର ଖାଙ୍କର)

୧୬ ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା । ଏହି ଅବସରରେ ମହୋତ୍ସବ ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରଗଡ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ପ୍ରଗତିବାଦୀର ବାର୍ତ୍ତା ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ମଞ୍ଚାସୀନ ଥିଲେ । ସଭାରେ ମହୋତ୍ସବ ଅଧକ୍ଷ ମିଶ୍ର ଗନ୍ଧମାର୍ଦ୍ଦନ ସୁରକ୍ଷା ଦିଗରେ ବରଗଡ ଏମ୍‌ପି ଓ ପାଟଣାଗଡ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ତାଙ୍କ ସ୍ପଷ୍ଟ ମତ ପାଇଁ ପ୍ରଶଂସା କରିଥିଲେ । ତେବେ ସରକାରୀ ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ସରକାର ଘୋଷଣା କରନ୍ତୁ ବୋଲି ସେ ଦାବି କରିଥିଲେ । ମୁଖ୍ୟଅତିଥି ଏମ୍‌ପି ପୁରୋହିତ ନାଟକ କିଭଳି ଜୀବନକୁ ପ୍ରଭାବିତ କରେ କହିବା ସହ ଭଲ କାମ କରି ନିଜ ମା' ଓ ମାଟିକୁ ଗର୍ବିତ କରିବାକୁ କହିଥିଲେ । ସମ୍ମାନିତ ଅତିଥି ବ୍ୟଙ୍ଗକବି ସାହୁ ନିଜ ସଂସ୍କୃତିକୁ ପୁରୁଣା କାଳିଆ ଓ ବିକୃତ ସଂସ୍କୃତିକୁ ଆଧୁନିକ କହି ଆମ ସମାଜ କିଭଳି ଦୁର୍ଗତି ଆଡକୁ ଗତି କରୁଛି କହିଥିଲେ । ଅନ୍ୟତମ ଅତିଥି ବାର୍ତ୍ତା ସମ୍ପାଦକ ତ୍ରିପାଠୀ ନାଟକ ମାଧ୍ୟମରେ ସମାଜକୁ ଆମେ ସବୁବେଳେ ସକରାତ୍ମକ ବାର୍ତ୍ତା ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ସୋନପୁରର ବିଶିଷ୍ଟ ଦଣ୍ଡ ନୃତ୍ୟ କଳାକାର ବିପିନ ଜାଲଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ପଞ୍ଚମ ଅନୁଷ୍ଠାନର କଳାକାରମାନେ ବନ୍ଦନା ନୃତ୍ୟ ପରିବେଷଣ କରିଥିଲେ । ଆଜିର ରଙ୍ଗମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ଭାସ୍କର ମେହେରଙ୍କ ଫଟୋରେ ଉତ୍ସର୍ଗ କରାଯାଇଥିଲା । ସଭାକୁ ସଭାପତି ବୀରେନ୍ଦ୍ର ବରଛୋର ପରିଚାଳନା କରିଥିଲେ । ନୟନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ବୀରେନ୍ଦ୍ର କୁମାର ଖାଙ୍କର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବେଲପାହାଡର ମିରର ଥିଏଟର ପକ୍ଷରୁ ଡ. ସୁରେଶ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଉଲପୀ ମଞ୍ଚସ୍ଥ ହୋଇଥିଲା ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଧଣ୍ଡାମୁଣ୍ଡା ଜବାହରଲାଲ ହାଇସ୍କୁଲ**

ଖପ୍ରାଖୋଲ,୭।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମଶାଲ ଶୋଭାଯାତ୍ରା ସହ କ୍ରୀଡ଼ା ଉତ୍ସବକୁ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଜୟ ଭୋଇ, ରଜତ ଦାସ, ସାମାଜିକ ପୁଲେଲ,ବିଜୟ ବେହେରା, ଅଭୟ ଭୋଇ,ରାଜେଶ ବେହେରା, ଅମିକା କଲୋତ, ମହେନ୍ଦ୍ର କବି, ନିହାର ବେହେରା,ରାଜକୁମାର ବେହେରା, ହେମସାଗର ପଧାନ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# ବିପୁଳ ପରିମାଣର ଖଇର କାଠ ଗଣ୍ଡି ଜବତ



ଜବତ କାଠ ଗଣ୍ଡି ।

ବେଲପଡା/କଣ୍ଟାବାଞ୍ଜି,୭।୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଞ୍ଜ ବେଲପଡା ବ୍ଲକ ଅନ୍ତର୍ଗତ କାନୁଟ-ଟର୍ଲାଣ ରାସ୍ତା ନିକଟରେ ଥିବା ଜମିରୁ ବିପୁଳ ପରିମାଣରେ ଖଇର କାଠ ଗଣ୍ଡି ମଙ୍ଗଳବାର ଜବତ ହୋଇଛି । ଏହାସହ ସେଠାରୁ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରାଯାଇଛି । ଘଟଣାସ୍ଥଳରେ ଟ୍ରାକ୍ଟର ଛାଡି ଡ୍ରାଇଭର ଫେରାର ମାରିଥିବା ବନବିଭାଗ କହିଛି । ବଲାଙ୍ଗୀର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବିଳମ୍ବିତ ରାତିରୁ ଚଢ଼ାଉ ହୋଇଥିଲା । ହରିଶଙ୍କର ଏସିଏଫ ଅରବିନ୍ଦ ନାଏକଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା । ଏଥିରେ ଟିଟିଲାଗଡ଼, କଣ୍ଟାବାଞ୍ଜି, ଲାଠୋର, ସଇଁତଲା,ପାଟଣାଗଡ଼, ଦେଓଗାଁ, ଲୋଇସିଂହା ଓ ହରିଶଙ୍କର ରେଞ୍ଜର ବନବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ । ରାତିରେ ଚଢ଼ାଉ ହୋଇ ନ ଥିଲେ ସବୁତକ ଖଇର କାଠଗଣ୍ଡି ବରଗଡ଼ ଅଞ୍ଚଳକୁ ଯାଇଥାନ୍ତା । ପରେ ସେଠାରୁ ଛତିଶଗଡ଼ ଅଞ୍ଚଳକୁ ଚାଲାଣ ହେବାର ଥିଲା ବୋଲି କୁହାଯାଉଛି । ଏହି ଚୋରା କାରବାରରେ ଜଣେ ଅଧାପକଙ୍କ ସମ୍ପୃକ୍ତି ଥିବା ଓ ସେ ଫେରାର ହୋଇ ଯାଇଥିବାର ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ହରିଶଙ୍କର ଏସିଏଫ ନାଏକଙ୍କ ପଚାରିବାରେ ବିପୁଳ ପରିମାଣର ଖଇର କାଠ ଗଣ୍ଡି ଜବତ କରାଯାଇଛି । ଏହା କେତେ ଟଙ୍କାର ହେବ ତାହା ପରେ ଜଣାପଡିବ ବୋଲି ସେ କହିଥିଲେ ।

# ବୁର୍ଡାରେ ନାଗପୂଜା ପାଳିତ

ଲୋଇସିଂହା,୭।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡାରେ ଭୁଭଦିଆ ବାର୍ଷିକ ନାଗ ପୂଜା ପାଳିତ ହୋଇଯାଇଛି । ମଙ୍ଗଳବାର ପୂଜା ଉଦ୍‌ଯାପିତ ହୋଇଛି । ପୂଜା କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,୧୯୭୫ ମସିହାରୁ ଗ୍ରାମରେ ପୌଷ ମାସ ଅମାବାସ୍ୟା ପରବର୍ତ୍ତୀ ମଙ୍ଗଳବାର ଉକ୍ତ ପୂଜା ପାଳନ ହୋଇଆସେ । ଏହି ଅବସରରେ ସୋମବାର ନଗରବାଜା କମିଟି ସଦସ୍ୟ, ବରୁଆ ଓ ପୂଜକ ଡମନ ସାହୁ ସ୍ଥାନୀୟ ଶିବାଳୟକୁ ଯାଇ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସନ୍ଧ୍ୟାରେ ଗାଁମୁଣ୍ଡ ପଥରେ ଗୁଡ଼ିକୁ ଯାଇ ପୂଜାର୍ଚ୍ଚନା କରି ଗ୍ରାମର ଦେବାଦେବୀଙ୍କୁ ଆବାହନ କରିଥିଲେ । ଏହାପରେ ପୂଜା ସ୍ଥଳକୁ ଆସି ରାତିସାରି ଅନୁଯାୟୀ ନାଗ ପୂଜା କରାଯାଇଥିଲା । ମଙ୍ଗଳବାର ପୂଜାର ଦ୍ୱିତୀୟ ଦିବସରେ ପୂଜକ ଓ ବରୁଆ ପାନେସରା ଗ୍ରାମରୁ ଥିବା ଉଶଭୁଙ୍କ ପୂଜା ପାଇଁ ଯାଇଥିଲେ ।

# କୁଲୁତାପଡ଼ା ସରପଞ୍ଚଙ୍କ ମାତୃବିୟୋଗ

ଦେଓଗାଁ,୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲୁତାପଡା ସରପଞ୍ଚ ଦୁଷ୍ମନ୍ତ ସାହୁଙ୍କ ମା' ଦୌପଦୀ ସାହୁ (୫୫)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି । କୁଲୁତାପଡା ପଞ୍ଚାୟତ ଖଇରଗୁଡା ଓ କୁତୁଡ଼ିଆରେ ପ୍ରସିଦ୍ଧ ଶୁଲିଆଯାତ୍ରା ମହାସମାରୋହରେ ପାଳିତ ହେଉଥିବା ବେଳେ ସରପଞ୍ଚଙ୍କ ମାତୃବିୟୋଗ ଖବର ଆଖପାଖରେ ଶୋକର ଛାୟା ଖେଳାଇ ଦେଇଥିଲା । ଗାଁ ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ ।

# ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଯୋଗ ଦେବେ ଭିନ୍ନକ୍ଷମ ପାୟଲ

ବଲାଙ୍ଗୀର,୭।୧(ବୀରେନ୍ଦ୍ର କୁମାର ଖାଙ୍କର)

ଦାଦନ ଖଟିବାକୁ ଯାଇ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଜ ଦୁଇ ହାତ ଓ ଦୁଇ ଗୋଡ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଥିବା ସେବିନର ସେ କୁନିଝିଅ ପାୟଲ ନାଗ ଆଗାମୀ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପରେ ଓଡିଶା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି । ଆସନ୍ତା ଜାନୁଆରୀ ୧୧ରୁ ରାଜସ୍ଥାନର ଜୟପୁର ସହରରେ ଅନୁଷ୍ଠିତ ହେବାକୁ ଥିବା ଷଷ୍ଠ ପାରା ତୀରନ୍ଦାଜୀ ଜାତୀୟ ଚାମ୍ପିୟନଶିପରେ ଓଡିଶାର ଏହି ଚର୍ଚ୍ଚିତ କିଶୋରୀ ଅଂଶଗ୍ରହଣ କରିବା ପାଇଁ ବୁଧବାର ଜୟପୁର ଗସ୍ତ କରିବେ । ୨୦୨୩ ମସିହାରୁ ପାୟଲ (୧୭) ଏବେ ଜାମ୍ମୁ ଓ କାଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ତାଲିମ କେନ୍ଦ୍ରରେ ତାଲିମ ଗ୍ରହଣ କରୁଛନ୍ତି । ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଯମୁନାବାହାଲ ଗାଁର ପାୟଲ ପିତା ବିଜୟ ନାଗ ଓ ମାତା ଜନତା ନାଗଙ୍କ ସହ ପିଲାବେଳେ ଛତିଶଗଡ ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ନିର୍ମାଣାଧୀନ ଏକ କୋଠାରେ ପାଣି ଦେଲା ବେଳେ ସେ କୋଠା ଉପର ଦେଇ ଯାଇଥିବା ହାଇଭୋଲଟେଜ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସେଠାକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଅସ୍ତ୍ରୋପଚାର କରାଯାଇ ଆବଶ୍ୟକ ପଡିବାରୁ ଦୁଇ ହାତ ଏବଂ ଦୁଇ ଗୋଡ କାଟି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ବଲାଙ୍ଗୀର ଜିଲା ପ୍ରଶାସନ ତାଙ୍କୁ ସେଠାରୁ ବଲାଙ୍ଗୀର ପାର୍ବତୀ ଗିରି ବାଲ ନିକେତନକୁ ଆଣି ରଖିଥିଲେ । ବାଲ ନିକେତନରେ ରହିବା ସମୟରେ ତାଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡିଥିଲା । ଏହାଛଡା ବିଚକ୍ଷଣ ପ୍ରତିଭା ଦେଖି ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ କଟ୍ରା ପଠାଇବା ବ୍ୟବସ୍ଥା କରିଥିଲେ । ପାୟଲ ଏବେ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନ୍‌ଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇ ଜାତୀୟ ସ୍ତରରେ ଚର୍ଚ୍ଚିତ ଭିନ୍ନକ୍ଷମ ପାଲଟିଛନ୍ତି । ସେ ଏବେ ଟିକ୍ରାପଡାସ୍ଥିତ ପଦ୍ମଲୋଚନ ଯୁକ୍ତଦୁଇ କଲେଜର ପ୍ରଥମ ବର୍ଷ ଛାତ୍ରୀ ଭାବେ ଅଧ୍ୟୟନରତ ଅଛନ୍ତି ।



ଜାମ୍ମୁ ଓ କାଶ୍ମୀରସ୍ଥିତ କଟ୍ରା ଆର୍ଚେରୀ ସେଣ୍ଟରରେ ପାୟଲ ନାଗ ।

■ ଦାଦନ ଖଟିବାକୁ ଯାଇ ହରାଇଥିଲେ ଦୁଇ ଗୋଡ଼, ଦୁଇ ହାତ

■ ସମସ୍ତଙ୍କ ପାଇଁ ସାଜିଛନ୍ତି ପ୍ରେରଣା ଉତ୍ସ

# ଶୁଲିଆ ଯାତ୍ରାର ଏପାଖ ସେପାଖ



## ଶୁଲିଆ ଦେବତାଙ୍କୁ ଦର୍ଶନ କଲେ ନେତାଗଣ

ଦେଓଗାଁ,୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଆଦିବାସୀ ଓ କନ୍ଧ ସମ୍ପ୍ରଦାୟର ବିଶ୍ୱାସ ଓ ପରମ୍ପରା ସହକାରେ ଚଳିତବର୍ଷ ଦେଓଗାଁ ବ୍ଲକରେ ପାଳିତ ହୋଇଛି ଶୁଲିଆ ଯାତ୍ରା । ଏହି ଯାତ୍ରାରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ଚଳିତବର୍ଷ ଜିଲାର ଚର୍ଚ୍ଚିତ ଚେହେରା ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଆଦିବାସୀ ନେତା ସୁରେନ୍ଦ୍ର ସିଂଭୋଇ, କଣ୍ଟାମାଳ ପୂର୍ବତନ ବିଧାୟକ ମହିଧର ରଣାଙ୍କୁ ଯାତ୍ରାସ୍ଥଳରେ ଦେଖିବାକୁ ମିଳିଥିଲା । ପୂର୍ବତନ ଜିଲା କେନ୍ଦ୍ର ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସ୍ଥାନୀୟ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧକ୍ଷା ରୀନା ମେହେର ଯୋଗ ଦେଇଥିଲେ । ଏହାଛଡା ଯୁବନେତା ବିଶ୍ୱଜିତ ପାତ୍ର, ଶୈଳେନ୍ଦ୍ର କୁମାର ସାହୁଙ୍କ ସମେତ କନ୍ଧ ସମାଜ ୧୪ ପ୍ରଗଣାର ରାଜ୍ୟ ସଭାପତି ଚିନ୍ତାମଣି ଭୋଇ, ବୌଦ୍ଧ ଜିଲା ସଭାପତି ଉମ୍ବରୁଧର କୁଅଁର, ସୋନପୁର ଶିବ କୁଅଁର, ତରଭାର ବଳଭଦ୍ର କୁଅଁର, ବେଲଗାଁର ଯୁବରାଜ ମାଝୀ, ବଙ୍ଗୋମୁଣ୍ଡାର ଶରତ ସିଂ ମାଝୀ, ଗୌରଗୋଠ ଗୁଣନିଧି ଭୋଇ, ବୁଢୁକା ପ୍ରଗଣା ସଭାପତି ଚକ୍ରଧର ଜାନୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶୁଲିଆ ଦେବତାଙ୍କୁ ଦର୍ଶନ କରିଥିଲେ ।

## ଭୋଜିଭାତର ଆସର

ମାନସିକଧାରୀମାନେ ଛେଳି, ମେଣ୍ଢା, କୁକୁଡା, ପୋଢ ଇତ୍ୟାଦି ନେଇ ଶୁଲିଆ ପୀଠ ଯାଇଥିବା ବେଳେ ସେଠାରେ ବଳି ଦିଆଯାଇଥିଲା । ବଳି ଦେଲା ପରେ ପରିବାରବର୍ଗ ଓ ସାଙ୍ଗସାଥୀଙ୍କ ସହ ଶୁଲିଆ ପୀଠର ଆଖପାଖ ଅଞ୍ଚଳରେ ଭୋଜିର ଆସର ଦେଖିବାକୁ ମିଳିଥିଲା । ଅନ୍ୟବର୍ଷ ଠାରୁ ଏବର୍ଷ ଲୋକଙ୍କ ଗହଳି ଅଧିକ ଥିଲା । ତେଣୁ ଭୋଜି କରିବାକୁ ଜାଗା ପାଇଁ ଲୋକଙ୍କ ମଧ୍ୟରେ ଟଣାଓଟରା ଲାଗିବା ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଚଳିତବର୍ଷ ଦିନକ ପାଇଁ ଉଭୟ ଶୁଲିଆ ପୀଠ ଅଞ୍ଚଳ ପର୍ଯ୍ୟଟନସ୍ଥଳୀ ଭଳି ଲାଗିଥିଲା ।

## ବେଆଇନ ମଦ ବିକ୍ରି

ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଶୁଲିଆ ପୀଠକୁ ଆସିଥାନ୍ତି । କିଏ ମାନସିକ କରିଥିବା ବେଳେ ଆଉ କେହି କେବଳ ଯାତ୍ରା ଦେଖିବା ପାଇଁ ଆସିଥାନ୍ତି । ମଙ୍ଗଳବାର ଯାତ୍ରା ଅବସରରେ ଗୌରଗୋଠ ଛକ ଠାରୁ କୁଲତାପଡା ଛକ ପର୍ଯ୍ୟନ୍ତ ଏପରିକି ଯାତ୍ରାସ୍ଥଳରେ ଥିବା ବିଭିନ୍ନ ଦୋକାନରେ ବେଆଇନ ମଦ ବିକ୍ରି ହେଉଥିବା ନଜରକୁ ଆସିଥିଲା । ଯାତ୍ରାସ୍ଥଳରେ ଅବକାରୀ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ଥାଇ ମଧ୍ୟ ନୀରବଦ୍ରଷ୍ଟା ସାଜିବା ଦେଖିବାକୁ ମିଳିଥିଲା ।

## ଆମକୁ ଦୟାକର

ପ୍ରତିବର୍ଷ ଶୁଲିଆ ଯାତ୍ରାକୁ ବଳି ପଡିବା ପାଇଁ ଶହ ଶହ ଛେଳି ମେଣ୍ଢା, କୁକୁଡା ଓ ପୋଢ଼ ଆସିଥାଏ । ଏବର୍ଷ ମଧ୍ୟ ଛୋଟ ବଡ ପୋଢ଼ଗୁଡିକୁ ଧରି ବାଜା ବଜାଇ ମାନସିକଧାରୀମାନେ ନେଇ ଆସୁଥିବା ଦେଖିବାକୁ ମିଳିଥିଲା । ବଡଖଳା ଓ ସାନଖଳା ପାର୍ଶ୍ୱରେ ପୋଢ ଓ ଛେଳି ମେଣ୍ଢାମାନଙ୍କ ଭିଡ ଥିଲା । ସେମାନେ କଥା କହି ପାରୁ ନ ଥିଲେ ବି ସତେ ଯେପରି ବୁଝିପାରିଲା ଭଳି ଲୋକଙ୍କୁ ଚାହିଁ ରହି ଆମକୁ ଦୟାକର ବୋଲି ଗୁହାରୀ କଲାପରି ମନେ ହେଉଥିଲା ।

## ଟଣା ଓଟରାରେ ବନ୍ଦ ହେଲା ମହୋତ୍ସବ

ଆଜକୁ ୪ବର୍ଷ ହେଲା ଶୁଲିଆପଦାରେ ଶୁଲିଆ ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିଲା । ୨ଟି ସ୍ଥାନରେ ମହୋତ୍ସବ ଆୟୋଜନକୁ ନେଇ ଚଳିତବର୍ଷ ଟଣାଓଟରା ଲାଗିରହିଥିଲା । ଗୋଟିଏ ଗୋଷ୍ଠୀ ଗୋଟିଏ ସ୍ଥାନରେ ମହୋତ୍ସବ ଅନୁମତି ଦିଆଯାଉ ବୋଲି ଜିଦରେ ଅଟଳ ରହିଥିବା ବେଳେ ଅନ୍ୟ ଗୋଷ୍ଠୀ ମହୋତ୍ସବ ନିଶ୍ଚିତ ହେବ ବୋଲି ପ୍ରଶାସନ ପାଖରେ ରୋକଠୋକ ଶୁଣାଇଥିଲେ । କିନ୍ତୁ ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଜିଲ୍ଲାପାଳ ଉଭୟ ସ୍ଥାନର ମହୋତ୍ସବକୁ ଅନୁମତି ନ ଦେଇ ମହୋତ୍ସବ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଯାତ୍ରାସ୍ଥଳରେ ମହୋତ୍ସବକୁ ନେଇ ଲୋକଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା ।


**GOVERNMENT OF ODISHA** No.C-1409

**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**

e-mail:eephd.rgda.od@nic.in, eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-39/2024-25 DT. 02.01.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Construction of Compound wall at 1 MLD OGR at BPL Colony, Paralakhemundi | EEPHDRAYAGADA-39/2024-25 Dtd.03.01.2025 | 23.46 | 'C' and 'B' Class | 03 (Three Months) | 10.01.2025 (11.00 Hr) | 24.01.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com** ❖Further details can be seen from the e-Procurement portal "https://www.tendersorissa.gov.in". ❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-13052/11/0008/2425 Sd./- EXECUTIVE ENGINEER, P.H. DIVISION, RAYAGADA

No.F-150 : "Sealed tenders are invited from intending agencies/firms/printing press for printing of 47000 Nua Arunima Work Book I&II, Child Assessment Card, Picture/ Numeracy Book (Approximately) and delivery of the same at 12 ICDS Project points of the district. The tender documents should reach in the Office of the District Social Welfare Officer, Puri by Registered post or Speed post by 5 P.M. on dtd - 24.01.25 and the tender will be opened at 11.30 A.M. on dtd - 27.01.2025 in the office chamber of Collector, Puri in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay. The details regarding sample, colour/specification of the Kuni calendar should be of exact specifications as per the sample available in wcd.odisha.gov.in /www.wcdorissa.gov.in / & http://www.puri.nic.in. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these books should be redesigned or modified. The decision of the tender committee regarding acceptance /rejection of tender without assigning any reason thereon is binding."

OIPR-24014/11/0012/2425 Sd./- Collector, Puri

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER**

**RURAL WORKS DIVISION-I, BHADRAK**

E_mail:ee_rwbdk@yahoo.com

"e" Procurement Notice for Road Works

Bid Identification No. Online Tender 07 of 2024-25

**No.O-1057:**1. Name of the Work: Roads. 2. Total No.of Works: 10 Nos. 3. Estimated Cost: Rs.8.47 Lakh to 16.95 Lakhs. 4. Class of Contractor: "D" & "C" Class. 5. Period of Completion: As per Annexure. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | | Date of Seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-7 of 2024-25 | 09.01.25 At 11.00 A.M. | 18.01.25 Upto 4.00 P.M. | 18.01.25 At- 2.00 P.M. | 20.01.25 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in"

**N.B. Transparency Lottery to be held on Dt.27.01.25 at 4.00 P.M. (If any changes it will be intimated)**

Sd./- Er. Kanan Pradhan

OIPR-25060/11/0010/2425 Superintending Engineer, R.W. Division, Bhadrak

**Government of Odisha "e" Procurement Notice**

**OFFICE OF THE DIVISIONAL FOREST OFFICER**

**DHENKANAL DIVISION, DHENKANAL**

E-Procurement Bid Identification No.-09-DFO/DKL of 2024-25

**No.MM-402:** 1. Name of the Work: Construction of Wooden Krall for adult Bull, Elephant Open Moat with Hanging Solar System, EPT, Entry Gate, Camera System, Observation Tower for Wooden Kraal and Open Moat and Treatment Kraal for Juvenile and Calf Elephant at Kapilash Rescue Centre of Dhenkanal Forest Division. 2. Estimate Cost: Rs.1,03,51,731/- (Approximate). 3. Period of Completion: 2 Months. 4. Date & Time of availability of the Bid documents in the portal : From 10.00 AM of 06.01.2025 to 5.00 PM of 16.01.2025. 5. Last date/time of receipt of the bid in portal: 16.01.2025 upto 5.00 P.M. 6. Date of Opening: 17.01.2025 at 11.00 AM. 7. Class of Contractor: "B" & "A" Class Contractor. 8. Name and address of the office: Office of the Divisional Forest Officer, Dhenkanal Division, Dhenkanal. Further details can be seen from the e-procurement portal "https://tendersorissa.gov.in.

Sd./- Divisional Forest Officer, Dhenkanal Division

OIPR-08037/11/0010/2425

**GOVERNMENT OF ODISHA** No.O-1158

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE, RAYAGADA**

email: ccerwcrayagada@gmail.com

E-Procurement Notice for PMGSY maintenance works

1. Name of the Work: Periodical Renewal work including 5 year routine maintenance for the 5 year completed post DLP PMGSY Road (15 Nos.). 2. Class of Contractor: "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.108.40 Lakhs to Rs.369.95 Lakhs (Approximately). 4. Details Projects as per Annexure attached:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | CCERW-CRGD- Online-03/2024-25 | 10.01.2025 at 11.00 A.M. | 24.01.2025 upto 5.00 P.M. | 22.01.2025 upto 2.00 P.M. | 27.01.2025 at 11.00 A.M. | To be intimated separately |

5.The details of works can be seen from the website **https://www.pmgsytenders.gov.in** for PMGSY maintenance works.

6. Any Corrigendum/Addendum will be displayed in the above e-tender website.

OIPR-25196/11/0003/2425 Sd./- Chief Construction Engineer, Rural Works Circle, Rayagada

SECTION - 1

**GOVERNMENT OF ODISHA**

**OFFICE OF THE PANCHAYAT SAMITI KRUSHNAPRASAD, PURI**

Email : ori-krushnaprasad@nic.in

NOTICE INVITING TENDERS FOR THE WORK

NATIONAL COMPETITIVE BIDDING THROUGH e-Procurement

Identification No. KRUSHNAPRASAD.03/2024-25

**No.i-403** : The **OFFICE OF THE PANCHAYAT SAMITI, KRUSHNAPRASAD, PURI, ODISHA** on behalf of Governor of Odisha invites **Percentage Rate Bids** through **e-Procurement** in conformity with the terms and conditions of the Detailed Tender Call Notice (DTCN) in **Single** Bid system from Class of Contractors as mentioned in Col.6 of table registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil Works requirements given in the DTCN on **Percentage Rate Bids** to be eventually drawn up in the standard **P1 Contract Form**. The bid should be submitted on-line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| | | | |
|---|---|---|---|
| 1 | Name of the Works | : | Const. of 4 Nos. of ACR of DR M.M.M High School, Nandala, Ramlenka GP |
| 2 | No. of Work | : | 01 |
| 3 | Estimated Cost | : | 36,97,033/- |
| 4 | Period of Completion | : | 120 days |
| 5 | Date and Time of Availability of Bid documents in the Portal | : | From Dt. 31.12.2024 at 11.00 hrs to Dt. 13.01.2025 up to 17.00 hrs. |
| 6 | Last Date/Time of receipt of Bids in the Portal | : | Dt.13.01.2025 upto 17.00 hrs. |
| 7 | Date of Opening of Bids | : | Dt.15.01.2025 12.00 P.M. onwards |
| 8 | Name and Address of the OIT | : | Office of the Panchayat Samiti, Krushnaprasad, Puri, Odisha |

Sd./-

Block Development Officer

OIPR-19428/11/0003/2425 Krushnaprasad, Puri

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER**

**RURAL WORKS DIVISION, KESINGA**

E_mail:eerwkesinga@yahoo.com

e-Procurement Notice

BID IDENTIFICATION NO.RWKSNG-online-04/2024-25

**No.O-1157:**1. Name of Works: Road Works (As per annexure). 2. Total No. of Work: 9 Nos. 3. Estimated Cost: Rs.5.03 Lakhs to Rs.25.17 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Additional Chief Engineer, Rural Works Division, Kesinga | RWKSNG- online-04/ 24-25 | 06.01.2025 at 14.00 P.M. | 15.01.2025 upto 17.00 P.M. | 10.01.2025 upto 11.00 A.M. | 16.01.2025 at 11.00 P.M. |

Further details can be seen from the Website i.e. www.tenderodisha.gov.in

Sd./- Additional Chief Engineer

OIPR-25153/11/0004/2425 Rural Works Division, Kesinga


See Career Appointment on every Wednesday & Saturday

# କଳା, ସଂସ୍କୃତି ସୁବର୍ଣ୍ଣପୁରର ପରିଚାୟକ






ମଥୁରାର ମୟୂରୀ ଅନୁଷ୍ଠାନ କଳାକାରମାନେ ରାଧାକୃଷ୍ଣ ଲୀଳାନୃତ୍ୟ ପରିବେଷଣ କରୁଛନ୍ତି(ବାମ), ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

**ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

**ସୋନପୁର,୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆୟୋଜିତ ସାଂସ୍କୃତିକ ସଭାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ ମଞ୍ଚାସିନ ଥିଲେ। ଅତିଥି ବୃନ୍ଦ ବକ୍ତବ୍ୟରେ ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲାରେ କଳା ସଂସ୍କୃତି ଅତି ମହାନ। ଏହି ମାଟିରେ ରହିଛି ବିଶ୍ୱ ବନ୍ଦିତ ସନ୍ଥ କବି ଭୀମଭୋଇଙ୍କ ପବିତ୍ର ସମାଧି ପୀଠ। ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ନିଜକୁ ଆତ୍ମଗୋପାନ କରିଥିବାରୁ ଏହି ମାଟି ଧନ୍ୟ ହୋଇଛି। ବହୁ ସୁଯୋଗ୍ୟ ସନ୍ତାନଙ୍କୁ ଏହି ମାଟି ଜନ୍ମ ଦେଇଛି। ସେହିପରି ପାଟ ଶାଢୀ ପ୍ରସ୍ତୁତିରେ ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଥିବା କହିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ସଭା ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

ଷ୍ଟାଡିୟମର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ କଳାକାରମାନେ ଲୋକନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ନୃତ୍ୟ ଓ ବାଦ୍ୟର ମହାସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। ବୀରମହାରାଜପୁରର ହୃଷୀକେଶ ମେହେର ଓ ସାଥୀଙ୍କ ତବଲା ଓ ବଂଶୀର ଯୁଗଳ ବନ୍ଦୀରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ। ପରେ ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଓଡିଶୀ ନୃତ୍ୟ(ଦଶାବତାର), କୋରାପୁଟ ଜିଲା କୋଟପାଡ କଳାବିକାଶ କେନ୍ଦ୍ରର କଳାକାରଙ୍କ ଆଦିବାସୀ ଧୁରୁଆ ନୃତ୍ୟ, ମଥୁରା ମୟୁରୀ ଅନୁଷ୍ଠାନର କଳାକାରଙ୍କ ରାଧାକୃଷ୍ଣ ଲୀଳା, ଗଞ୍ଜାମ ଜିଲା ଦିଗପହଣ୍ଡିର କଳାକାରଙ୍କ ପଶୁ ନୃତ୍ୟ, ରାଜସ୍ଥାନ କାଲବେଲିଆ ଅନୁଷ୍ଠାନର ଲୋକନୃତ୍ୟ, ଆସାମର ବିହୁନୃତ୍ୟ, ବଲାଙ୍ଗୀର ନଟରାଜ ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, କଟକ ସଂଗ୍ରାମ ଡ୍ୟାନ୍ସ ଏକାଡେମୀର ଓଡିଶୀ ନୃତ୍ୟ, ହିକୁଡି ଖୁମୁକ୍ ଝୁମା କରମସାନୀ କଳା ପରିଷଦର କରମା ନୃତ୍ୟ ଓ ଫୁଲବାଣୀ ନୂତନ କଳା ପରିଷଦର କନ୍ଧ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟର ଛନ୍ଦରସରେ ଝୁମିଥିଲେ ଦର୍ଶକ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ, ସସ୍ମିତା ପରମଗୁରୁ, ପ୍ରିତି ପ୍ରତ୍ୟାଶା ପାଣିଗ୍ରାହୀ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ ଅବସରରେ ଖୋଲିଥିବା ଷ୍ଟଲରେ ଭିଡ ଜମିଥିଲା।

## କାଳୀୟ ନାଗ କୃଷ୍ଣପାଦ ତଳେ ଶରଣାଗତ



ବୀରମହାରାଜପୁର ଧନୁ ଯାତ୍ରାରେ ଲୀଳା ନାଟକର ଏକ ଦୃଶ୍ୟ।

**ବୀରମହାରାଜପୁର ଧନୁଯାତ୍ରା**

**ଅମରପାଲି, ୭।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ତୃତୀୟ ଆଞ୍ଚଳିକ ଧନୁଯାତ୍ରାର ମଙ୍ଗଳବାର ଥିଲା ଷଷ୍ଠ ସନ୍ଧ୍ୟା। ଏହି ସନ୍ଧ୍ୟାରେ ରଙ୍ଗମଞ୍ଚ ମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ କଳୀୟନାଗ କୃଷ୍ଣପାଦ ତଳେ ଶରଣାଗତ, ଏହି ଖବର ଶୁଣି କଂସ ମର୍ମାହତ, ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ କଂସ ମହାଦେବଙ୍କୁ ତପସ୍ୟା ଓ ତାଙ୍କଠାରୁ ରୁଦ୍ରାଶୂଳ ପ୍ରାପ୍ତି, ନାରଦଙ୍କ କଂସଙ୍କୁ ଧନୁଯାତ୍ରା ଆୟୋଜନ ପ୍ରସ୍ତାବ ଏବଂ କଂସଙ୍କ ସ୍ୱପ୍ନରେ କୃଷ୍ଣ ଦର୍ଶନ ଆଦି ପରିବେଷଣ ହୋଇଥିଲା। ଆୟୋଜକ କମିଟି ସଭାପତି କିଶୋର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, କୋଶଳ ନେତା ପ୍ରମୋଦ ମିଶ୍ର, ରମଣୀ ଦନ୍ତା ପର୍ଯ୍ୟାୟକ୍ରମେ ରାଜ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଧନୁଯାତ୍ରା ଅବସରରେ ମୁକ୍ତାକାଶ ରଙ୍ଗ ମଞ୍ଚରେ ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା।

## ସୋନପୁର ଶ୍ରୀୟାଂଶ ସ୍ପୋର୍ଟିଂ ସେମିରେ

### ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ

**ସୋନପୁର,୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସୁଜନ ନାଗ ଏକାଡେମୀ ପକ୍ଷରୁ ରୟାଲ ପଡିଆରେ ୧୨ ତମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାପଥର ଇଲେଭେନ ଷ୍ଟାର ଓ ସୋନପୁର ଶ୍ରୀୟାଂଶ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଶ୍ରୀୟାଂଶ ସ୍ପୋର୍ଟିଂ ମୁନା ସିଂ ୬୩ ମିନିଟ୍‌ରେ ପ୍ରଥମ ଗୋଲ ଏବଂ ୮୩ ତମ ମିନିଟ୍‌ରେ ଆଉ ଏକ ଆତ୍ମଘାତୀ ଗୋଲ ଦ୍ୱାରା କଳାପଥର ଦଳକୁ ୨-୦ ଗୋଲରେ ପରାସ୍ତ କରି ଶ୍ରୀୟାଂଶ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଏହି ବିଜୟ ଫଳରେ ଶ୍ରୀୟାଂଶ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଶ୍ରେଷ୍ଠ ଡିଫେନ୍ସ ଶ୍ରୀୟାଂଶ ସ୍ପୋର୍ଟିଂ ରକି ଡନସେନା, ବେଷ୍ଟ ଗୋଲ କିପର ରାହୁଲ ଓରାମ, ବେଷ୍ଟ ମିଡ୍ ଫିଲ୍ଡ ସୁବ୍ରତ ପାତ୍ର, ହିରୋ ଅଫ ଦି ମ୍ୟାଚ୍ ମୁନା ସିଂ ଓ ବେଷ୍ଟ ୱିଙ୍ଗର ଭାବେ କଳାପଥର ଦଳର ଅଜୟ ବରୁଆଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଗୋରେଖନାଥ ସାହୁ, ସମ୍ମାନିତ ଅତିଥିଭାବେ ଗୁଣନିଧି ମେହେର, ପଦ୍ମନାଭ ଧରୁଆ, ଶଙ୍କର୍ଷଣ ପଟ୍ଟନାୟକ, ବାବୁଲା ବେବର୍ତ୍ତା, ଅନିଲ ଭୋଇନା, ଗୌତମ ପାତ୍ର, ସଞ୍ଜିବ ମହାରଣା, ଭୁବନ ମେହେର ପ୍ରମୁଖ ଯୋଗଦାନ କରିଥିଲେ। ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ ଦିନେଶ ପ୍ରଧାନ। ବୁଧବାର ତରଭା ରିଜୁଲ ଏମଏଫସି ଓ ଶ୍ରୀୟାଂଶ ସ୍ପୋର୍ଟି ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।




ମୁନା ସିଂଙ୍କୁ ହିରୋ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଅମରପାଲି, ୭।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ଯୁକ୍ତ୨ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାପିକା ଗୀତାଞ୍ଜଳୀ ପୂଜାରୀ ଯୋଗଦେଇଥିଲେ। ସେହିପରି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସହକାରୀ ପ୍ରଫେସର ସୀମାରାଣୀ ବେହେରା ମୁଖ୍ୟବକ୍ତାଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ବିଜୁପଟ୍ଟନାୟକ ଯୁକ୍ତ ୨ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନିଳିନୀପ୍ରଭା ପଧାନ, ଜିଲା ନୋଡାଲ ଅଧିକାରୀ ମଧୁସୁଦନ ପୂଜାହାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସହ ସଂଯୋଜିକା ଅଧାପିକା ସୁପ୍ରଭା ନନ୍ଦ ମଞ୍ଚାସୀନ ଥିଲେ। ସଂଯୋଜିକା ଅଧାପିକା ହରପ୍ରିୟା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୧୭୪ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷିକା ଭାବେ ଅଙ୍କିତା ପଧାନ, ଶୁଭ୍ରାଜୋତି ପ୍ରଧାନ ଯୋଗଦେଇଥିଲେ ।

## ସୁବଳୟା ଯୁକ୍ତ ୨ କଲେଜରେ ସମ୍ବର୍ଦ୍ଧନା ସଭା

**ଅମରପାଲି,୭।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨କଲେଜରେ ଏକ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଲେଜର ସଂସ୍କୃତ ଅଧ୍ୟାପକ ରମାକାନ୍ତ ପୁରୋହିତ, ଅର୍ଥନୀତି ବିଭାଗ ଅଧ୍ୟାପକ ଦେବାଶିଷ ପ୍ରଧାନ ଓ ଓଡ଼ିଆ ବିଭାଗ ଅଧ୍ୟାପିକା ସୁଶ୍ରୀ ପ୍ରଜ୍ଞା କଳ୍ପିତା ନାୟକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ, ସୁବଳୟା ଆଞ୍ଚଳିକ ଡିଗ୍ରୀ କଲେଜ ଅଧ୍ୟକ୍ଷ ବଳଦେବ ପୂଝାରୀ, ବୀରମହାରାଜପୁର ମହିଳା କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତା, ଖଣ୍ଡହତା କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେରିହା, ଭୁତିଆପାଲି କଲେଜ ଅଧ୍ୟକ୍ଷ ସୁବାସ ପଣ୍ଡା ଓ କଳାପଥର କଲେଜର ସୁଧାଂଶୁ ଶେଖର ପଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତଙ୍କୁ କଲେଜର ଅଧ୍ୟକ୍ଷ ଭୋଲାନାଥ କର୍ମୀ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ରାଧାକାନ୍ତ ବାଘ, ନୀଳକମଳ ମିଶ୍ର, ପୀତାମ୍ବର ସାହୁ, ସଞ୍ଜୀବ କୁମାର ମେହେର, ରାଜେଶ ସେଠୀଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ପୂର୍ବତନ ଅଧ୍ୟାପକ ଦେବାଶିଷ ବାରିକ, ବିଶ୍ୱମୟ ଗୁରୁ, ସୁବ୍ରତ ପଣ୍ଡା, ଶିବ ମହାନନ୍ଦ ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସମସ୍ତେ ନିଜ ବକ୍ତବ୍ୟରେ କଲେଜର ଭିତ୍ତିଭୂମି, ପରିଚାଳନା ଏବଂ ପାଠପଢାକୁ ନେଇ ପ୍ରଶଂସା କରିଥିଲେ। ଅଧ୍ୟକ୍ଷ କଲେଜର ଉନ୍ନତିରେ ସମସ୍ତଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ଦେବାଶିଷ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଅଧାପିକା ପ୍ରଜ୍ଞା କଳ୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ସଞ୍ଜୟ କୁମାର ମେଣ୍ଡିଲି, ଅଧାପିକା ମିତା ପଧାନ, ଗୋପାଳ ଭୋଇ, ଦିଲ୍ଲୀପ କୁମାର ମେହେର, ଶମ୍ଭୁ ପ୍ରସାଦ ସାହୁ, ହରିହର ସାହୁ ସହଯୋଗ କରିଥିଲେ।

## ଓଡ଼ିଆ ସାହିତ୍ୟକୁ ସୋନପୁରର ବଡ଼ ଅବଦାନ ରହିଛି



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକମାନେ।

**ଓଡ଼ିଆ ସାହିତ୍ୟ ଓ ସୁବର୍ଣ୍ଣପୁର ଶୀର୍ଷକ ଆଲୋଚନାଚକ୍ର**

**ସୋନପୁର,୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ଦିବସରେ ମଙ୍ଗଳବାର ଓଡ଼ିଆ ସାହିତ୍ୟ ଓ ସୁବର୍ଣ୍ଣପୁର ଶୀର୍ଷକ ଆଲୋଚନାଚକ୍ର ଜିଲା ଗ୍ରନ୍ଥାଳୟ ସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁବର୍ଣ୍ଣପୁର ରାଜ ଦରବାରର ବହୁତ ବଡ ଅବଦାନ ରହିଛି। ଏହି ମାଟିର ଶାସକ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ଓଡ଼ିଆ ଭାଷାରେ ଅନେକ ପୁସ୍ତକ ପ୍ରକାଶନ କରି ଭାଷା ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି। ତାଙ୍କ ପୃଷ୍ଠପୋଷକତାରେ ପ୍ରଥମ କରି ୧୯୧୯ରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡିଆ ଏମ୍.ଏ ଶ୍ରେଣୀ ଖୋଲିଥିଲା। ଓଡ଼ିଆ ଭାଷାକୁ ସେ ସର୍ବଭାରତୀୟ ସ୍ତରରେ ପରିଚିତ କରାଇ ଥିଲେବୋଲି ଆଲୋଚକମାନେ ମତପୋଷଣ କରିଛନ୍ତି।

ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ସନ୍ତୋଷ କୁମାର ରଥ ଓ ଉଲୁଣ୍ଡା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସୁବର୍ଣ୍ଣପୁରର କବି, ଲେଖକ ଓ ପ୍ରାବନ୍ଧିକ ମାନଙ୍କ ଅବଦାନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବିଶେଷ କରି ଓଡ଼ିଆ ସନ୍ଥ ସାହିତ୍ୟ, ଦରବାର ସାହିତ୍ୟକୁ ପ୍ରାକ୍ ସ୍ୱାଧୀନତା କାଳରେ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟକୁ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଡକ୍ଟର ସୌରଭ ରଞ୍ଜନ ଖମାରୀ ଓ ଗବେଷକ ସୁଦାମ ନାଏକ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷୟତ୍ରୀ ଶିକ୍ଷକ, ସାହିତ୍ତିକ, ମହାନଦୀ ଧାରାର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

**GOVERNMENT OF ODISHA** — No.C-1409
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail:eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-39/2024-25 DT. 02.01.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Construction of Compound wall at 1 MLD OGR at BPL Colony, Paralakhemundi | EEPHDRAYAGADA -39/2024-25 Dtd.03.01.2025 | 23.46 | 'C' and 'B' Class | 03 (Three Months) | 10.01.2025 (11.00 Hr) | 24.01.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com** ❖Further details can be seen from the e-Procurement portal "https://www.tendersorissa.gov.in". ❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
OIPR-13052/11/0008/2425 Sd./- EXECUTIVE ENGINEER, P.H. DIVISION, RAYAGADA

**No.F-150** : "Sealed tenders are invited from intending agencies/firms/printing press for printing of 47000 Nua Arunima Work Book I&II, Child Assessment Card, Picture/ Numeracy Book (Approximately) and delivery of the same at 12 ICDS Project points of the district. The tender documents should reach in the Office of the District Social Welfare Officer, Puri by Registered post or Speed post by 5 P.M. on dtd - 24.01.25 and the tender will be opened at 11.30 A.M. on dtd - 27.01.2025 in the office chamber of Collector, Puri in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay. The details regarding sample, colour/specification of the Kuni calendar should be of exact specifications as per the sample available in wcd.odisha.gov.in /www.wcdorissa.gov.in / & http://www.puri.nic.in. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these books should be redesigned or modified. The decision of the tender committee regarding acceptance /rejection of tender without assigning any reason thereon is binding."
OIPR-24014/11/0012/2425 Sd./- Collector, Puri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E_mail:ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 07 of 2024-25
**No.O-1057:**1. Name of the Work: Roads. 2. Total No.of Works: 10 Nos. 3. Estimated Cost: Rs.8.47 Lakh to 16.95 Lakhs. 4. Class of Contractor: "D" & "C" Class. 5. Period of Completion: As per Annexure. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | | Date of Seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-7 of 2024-25 | 09.01.25 At 11.00 A.M. | 18.01.25 Upto 4.00 P.M. | 18.01.25 At- 2.00 P.M. | 20.01.25 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in"
**N.B. Transparency Lottery to be held on Dt.27.01.25 at 4.00 P.M. (If any changes it will be intimated)**
Sd./- Er. Kanan Pradhan
OIPR-25060/11/0010/2425 Superintending Engineer, R.W. Division, Bhadrak

**Government of Odisha "e" Procurement Notice**
**OFFICE OF THE DIVISIONAL FOREST OFFICER**
**DHENKANAL DIVISION, DHENKANAL**
E-Procurement Bid Identification No.-09-DFO/DKL of 2024-25
**No.MM-402:** 1. Name of the Work: Construction of Wooden Krall for adult Bull, Elephant Open Moat with Hanging Solar System, EPT, Entry Gate, Camera System, Observation Tower for Wooden Kraal and Open Moat and Treatment Kraal for Juvenile and Calf Elephant at Kapilash Rescue Centre of Dhenkanal Forest Division. 2. Estimate Cost: Rs.1,03,51,731/- (Approximate). 3. Period of Completion: 2 Months. 4. Date & Time of availability of the Bid documents in the portal : From 10.00 AM of 06.01.2025 to 5.00 PM of 16.01.2025. 5. Last date/time of receipt of the bid in portal: 16.01.2025 upto 5.00 P.M. 6. Date of Opening: 17.01.2025 at 11.00 AM. 7. Class of Contractor: "B" & "A" Class Contractor. 8. Name and address of the office: Office of the Divisional Forest Officer, Dhenkanal Division, Dhenkanal. Further details can be seen from the e-procurement portal **"https://tendersorissa.gov.in.**
Sd./- Divisional Forest Officer, Dhenkanal Division
OIPR-08037/11/0010/2425

**GOVERNMENT OF ODISHA** — No.O-1158
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
email: ccerwcrayagada@gmail.com
E-Procurement Notice for PMGSY maintenance works
1. Name of the Work: Periodical Renewal work including 5 year routine maintenance for the 5 year completed post DLP PMGSY Road (15 Nos.). 2. Class of Contractor: "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.108.40 Lakhs to Rs.369.95 Lakhs (Approximately). 4. Details Projects as per Annexure attached:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | CCERW-CRGD- On-line-03/2024-25 | 10.01.2025 at 11.00 A.M. | 24.01.2025 upto 5.00 P.M. | 22.01.2025 upto 2.00 P.M. | 27.01.2025 at 11.00 A.M. | To be intimated separately |

5.The details of works can be seen from the website **https://www.pmgsytenders.gov.in** for PMGSY maintenance works.
6. Any Corrigendum/Addendum will be displayed in the above e-tender website.
OIPR-25196/11/0003/2425 Sd./- Chief Construction Engineer, Rural Works Circle, Rayagada

SECTION - 1
GOVERNMENT OF ODISHA
**OFFICE OF THE PANCHAYAT SAMITI KRUSHNAPRASAD, PURI**
Email : ori-krushnaprasad@nic.in
NOTICE INVITING TENDERS FOR THE WORK
NATIONAL COMPETITIVE BIDDING THROUGH e-Procurement
Identification No. KRUSHNAPRASAD.03/2024-25
**No.i-403** : The **OFFICE OF THE PANCHAYAT SAMITI, KRUSHNAPRASAD, PURI, ODISHA** on behalf of Governor of Odisha invites **Percentage Rate Bids** through **e-Procurement** in conformity with the terms and conditions of the Detailed Tender Call Notice (DTCN) in **Single** Bid system from Class of Contractors as mentioned in Col.6 of table registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil Works requirements given in the DTCN on **Percentage Rate Bids** to be eventually drawn up in the standard **P1 Contract Form**. The bid should be submitted on-line in the website www.tendersodisha.gov.in by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| | | | |
|---|---|---|---|
| 1 | Name of the Works | : | Const. of 4 Nos. of ACR of DR M.M.M High School, Nandala, Ramlenka GP |
| 2 | No. of Work | : | 01 |
| 3 | Estimated Cost | : | 36,97,033/- |
| 4 | Period of Completion | : | 120 days |
| 5 | Date and Time of Availability of Bid documents in the Portal | : | From Dt. 31.12.2024 at 11.00 hrs to Dt. 13.01.2025 up to 17.00 hrs. |
| 6 | Last Date/Time of receipt of Bids in the Portal | : | Dt.13.01.2025 upto 17.00 hrs. |
| 7 | Date of Opening of Bids | : | Dt.15.01.2025 12.00 P.M. onwards |
| 8 | Name and Address of the OIT | : | Office of the Panchayat Samiti, Krushnaprasad, Puri, Odisha |

Sd./-
Block Development Officer
OIPR-19428/11/0003/2425 Krushnaprasad, Puri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-04/2024-25
**No.O-1157:**1. Name of Works: Road Works (As per annexure). 2. Total No. of Work: 9 Nos. 3. Estimated Cost: Rs.5.03 Lakhs to Rs.25.17 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Additional Chief Engineer, Rural Works Division, Kesinga | RWKSNG- on-line-04/ 24-25 | 06.01.2025 at 14.00 P.M. | 15.01.2025 upto 17.00 P.M. | 10.01.2025 upto 11.00 A.M. | 16.01.2025 at 11.00 P.M. |

Further details can be seen from the Website i.e. www.tenderodisha.gov.in
Sd./- Additional Chief Engineer
OIPR-25153/11/0004/2425 Rural Works Division, Kesinga

See Career Appointment on every Wednesday & Saturday




ସୁନ୍ଦରଗଡ଼ ଯତ୍ରା କାର୍ଯ୍ୟକ୍ରମ ଉଦ୍‌ଯାପନୀରେ ଉପସ୍ଥିତ ଅତିଥି।




ଯତ୍ରା କାର୍ଯ୍ୟକ୍ରମରେ ପ୍ରିନ୍ସ ନୃତ୍ୟ ଦଳ ଦ୍ୱାରା କ୍ରିଷ୍ଣା ନୃତ୍ୟ ପରିବେଷଣ କରାଯାଉଛି।




ଗୁରୁ ଗୋମକେ ସାଂସ୍କୃତିକ ସଂଘ ଦ୍ୱାରା ସାନ୍ତାଳୀ ନାଚ ପରିବେଷଣ କରାଯାଉଛି।

# ଯତ୍ରା ଉଦ୍‌ଯାପିତ: ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୭।୧(ଜୟନାରାୟଣ ମେହେର୍‌): ସୁନ୍ଦରଗଡ଼ ଜିଲା ମହୋତ୍ସବ 'ଯତ୍ରା-୨୦୨୫' ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ନୃତ୍ୟଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଥିଲା। ଉକ୍ତ ଅବସରରେ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ର ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁତ୍ରାପରାୟ ଯତ୍ରା କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ସଦର ବ୍ଲକ, ସବଡେଗା ବ୍ଲକ ଏବଂ ଟାଙ୍ଗରପାଲି ବ୍ଲକର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଲାଠିକଟା ବ୍ଲକର ଗୁରୁ ଗୋମକେ ସାଂସ୍କୃତିକ ସଂଘ ଦ୍ୱାରା ସାନ୍ତାଳୀ ନାଚ, ସୁନ୍ଦରଗଡ଼ର ଲକ୍ଷ୍ୟ ଏକାଡେମୀ ଦ୍ୱାରା ଓଡ଼ିଶୀ ନୃତ୍ୟ, ଫୋକଲାଲ ସମ୍ବଲପୁର ଦ୍ୱାରା ସମ୍ବଲପୁରୀ ନୃତ୍ୟ, କଳାହାଣ୍ଡିର ମା'ଜଗତ ଜନନୀ ଘୁମୁରା ଦଳ ଦ୍ୱାରା ଘୁମୁରା ନୃତ୍ୟ, ବ୍ରହ୍ମପୁରର ପ୍ରିନ୍ସ ନୃତ୍ୟ ଦଳ ଦ୍ୱାରା ଭାରତୀୟ ତ୍ରିରଙ୍ଗା ଏବଂ କ୍ରିଷ୍ଣା ନୃତ୍ୟ, ମହାରାଷ୍ଟ୍ରରୁ ଆସିଥିବା ଆମ୍ରପାଲି ଦଳ ଦ୍ୱାରା ଲାବନି ଏବଂ ଗୋନ୍ଦହାଲ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପ୍ରଖ୍ୟାତ ସମ୍ବଲପୁରୀ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କ ଦ୍ୱାରା ତାରକା ରାତ୍ରି (ଷ୍ଟାର୍ ନାଇଟ୍) ଅନୁଷ୍ଠିତ ହୋଇଥିଲା ଏବଂ ତାଙ୍କର ଓ ତାଙ୍କ ଦଳର ଗୀତନାଚର ମଜା ନେଇଥିଲେ ଦର୍ଶକ। ଏହି ଅବସରରେ ଯତ୍ରା କାର୍ଯ୍ୟକ୍ରମ ନିମନ୍ତେ ଅତ୍ୟାବଶ୍ୟକୀୟ ସେବା ଯୋଗାଇଥିବା ପୌରପାଳିକା, ୱାଟକୋ, ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ, ହସ୍ପିଟାଲ, ବିଦ୍ୟୁତ୍ ବିଭାଗ, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ ଏବଂ ପିଡିବ୍ଲ୍ୟୁଡିଏଲ ପ୍ରମୁଖ ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଲ୍ଲୀଶ୍ରୀ ମେଳାରେ ଅଧିକ ବ୍ୟବସାୟ କରିଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯତ୍ରାର ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ବିଭାଗୀୟ ଅଧିକାରୀ, ଯତ୍ରା କମିଟି ସଭ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ମହୋତ୍ସବ ଆୟୋଜନ ଓ ଅନ୍ୟାନ୍ୟ ବ୍ୟବସ୍ଥା ଭଲ ହୋଇଥିଲେ ମଧ୍ୟ ସ୍ଥାନୀୟ କଳାକାର ଅପେକ୍ଷା ଷ୍ଟାର୍ ନାଇଟ୍ କଳାକାରଙ୍କ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

# ସ୍ୱତନ୍ତ୍ର ଗ୍ରାମସଭାରେ ମଦ ବିକ୍ରି ବନ୍ଦ ପ୍ରସ୍ତାବ ପାରିତ

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ବ୍ୟାପକ ମଦ ବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ମହିଳାମାନେ ବାରମ୍ବାର ଆନ୍ଦୋଳନ କରି ମଦବିକ୍ରି ବନ୍ଦ କରିବାକୁ ଦାବି କରିଆସୁଛନ୍ତି। ହେଲେ ବନ୍ଦ ହେବା ଦୂରର କଥା ନିୟନ୍ତ୍ରଣ ସୁଦ୍ଧା ହୋଇପାରିନାହିଁ। ତେବେ ଜିଲାପାଳଙ୍କ ନୋଟିସରେ ମଦଭାଟିକୁ ନେଇ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଠିକି ହୋଇଥିଲା। ରୁନ୍‌ଗାଁ, ବାମଡେରା, ଏକମା, ପାମରା ଓ ଟିମନା ପଞ୍ଚାୟତକୁ ଛାଡି ବ୍ଲକ ଅଞ୍ଚଳର ବଡ଼ଗାଁ ସମେତ ୧୦ଟି ପଞ୍ଚାୟତର ସରପଞ୍ଚଙ୍କୁ ଉତ୍ସୁକ ୯ ସୁଦ୍ଧା ନୋଟିସ ନମ୍ବର ୪୦୪୧ରେ ଭାଟି ଖୋଲିବା ଉପରେ ଆପତ୍ତି ଅଭିଯୋଗ ମଗାଯାଇଥିଲା। ଜାନୁଆରୀ ୮ ମଧ୍ୟରେ ପ୍ରସ୍ତାବ ଜଣାଇବାକୁ ଚିଠିରେ ଦର୍ଶାଯାଇଥିଲା। ୧୦ରୁ ୯ଟି ପଞ୍ଚାୟତର ସରପଞ୍ଚ ସ୍ୱତନ୍ତ୍ର ଗ୍ରାମସଭା କରି ରିପୋର୍ଟ ଦେଇଥିବା ବ୍ଲକ ସରପଞ୍ଚ ସଂଘ ସଭାପତି ଫୁଲବାରୀ ସରପଞ୍ଚ ଯୋଗେନ୍ଦ୍ର କିଷାନଙ୍କଠାରୁ ଜଣାପଡ଼ିଛି। ବଡ଼ଗାଁକୁ ଛାଡି ଅନ୍ୟ ୯ଟି ପଞ୍ଚାୟତର ଲୋକେ ଗ୍ରାମସଭାରେ ମଦଭାଟି ଗାଁଗୁଡିକରେ ନ ଖୋଲିବାକୁ ପ୍ରସ୍ତାବ ପାରିତ କରାଇଥିଲେ। ଏହି ଆପତ୍ତି ଅଭିଯୋଗକୁ ନେଇ ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନଙ୍କ ସହିତ ବରଙ୍ଗାକଛାର, ଉତମା, ସାହାଜବାହାଲ, କରଙ୍ଗାଲୋଇ, ତୁଡାଲଗା, ଭୋଗପାଲି, ଫୁଲବାରୀ, ଟିକିଲିପଡା ସରପଞ୍ଚ ସୋମବାର ଜିଲାପାଳଙ୍କ ସହିତ ଜିଲା ଅଧିକାରୀଙ୍କୁ ସ୍ୱତନ୍ତ୍ର ଗ୍ରାମସଭାର ଆବଶ୍ୟକ କାଗଜପତ୍ର ଦେଇଛନ୍ତି।



ସରପଞ୍ଚ ସଂଘ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

ବାଲିଶଙ୍କରା,୭।୧(ବୃନ୍ଦାବନ ବାରିକ): ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଅଞ୍ଚଳରେ ଦିନକୁ ଦିନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ବୃଦ୍ଧି ପାଇବାରେ ଲାଗିଛି। ଗତ ଦିନ ତଳେ ଭାଠିଡ଼ିହରେ ବିଳମ୍ବିତ ରାତିରେ ଟ୍ରାନ୍ସଫରମର ଚୋରି ହୋଇଥିବାବେଳେ ସୋମବାର ରାତିରେ ଘୋଘର ଗ୍ରାମର କାଳୋପଡ଼ାରେ ଲାଗିଥିବା ୨୫କେଭି ଟ୍ରାନ୍ସଫର୍ମର୍ ଚୋରି ହୋଇଯାଇଛି। ମଙ୍ଗଳବାର ସକାଳେ ଘୋଘର ଗ୍ରାମବାସୀ ଦେଖି ବାଲିଶଙ୍କରା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ସେହିପରି ତୁମୁଲିଆ ବସନ୍ତପୁର ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ଅନେକ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି।

# ୧୨ରେ ୟୁଥ୍ ହଷ୍ଟେଲର ବାର୍ଷିକୋତ୍ସବ

ରାଉରକେଲା,୭।୧(ଦିନେଶ ମିଶ୍ର): ସେକ୍ଟର-୩ସ୍ଥିତ ୟୁଥ୍ ହଷ୍ଟେଲ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲାର ୪୬ତମ ବାର୍ଷିକୋତ୍ସବ ତଥା ଏହି ଅନୁଷ୍ଠାନର ସର୍ବଭାରତୀୟ ସ୍ତରରେ ୭୫ତମ ବାର୍ଷିକୋତ୍ସବ ଆସନ୍ତା ୧୨ ତାରିଖରେ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ ହେବ ବୋଲି ସଭାପତି ସ୍ୱାଇଁ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏହା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସମ୍ମିଳନୀ ପରେ ଅନୁଷ୍ଠାନ କାର୍ଯ୍ୟାଳୟ




ନବୀକରଣକୁ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅମିତାଭ ଠାକୁର, ସମ୍ପାଦକ ନିରଞ୍ଜନ ବେହେରା, କାର୍ଯ୍ୟକାରୀ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ନୀଳମଣି ମହାପାତ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କର୍ମକର୍ତ୍ତା ଏସ୍. ଏନ୍. ଲେଙ୍କା, କାମିନୀ ମହାନ୍ତ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ଲୁସି ଦାଶ, ମୀନାକ୍ଷୀ ପାଢ଼ୀ, ଇନ୍ଦିରା ପଟ୍ଟନାୟକ, ମୋନାଲିସା ଗୌଡ଼, ସୁଲୋଚନା ମିଶ୍ର, ସମୀର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଦିଅର ଚାପଡ଼୍ ଆକ୍ରମଣ: ଭାଉଜ ଗୁରୁତର

ଲହୁଣୀପଡା,୭।୧(ଦଶରଥ ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେଣ୍ଡୁଡିହି ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଦିଅର ଚାପଡ଼୍ ଆକ୍ରମଣରେ ଭାଉଜ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କେଣ୍ଡୁଡିହି ଗ୍ରାମର ଚାମରା ଓରାମଙ୍କ ସ୍ତ୍ରୀ ସୁମିତ୍ରା ବାସନ ମାଜୁଥିବାବେଳେ ତାଙ୍କର ଦିଅର ଲକ୍ଷଣ କୌଣସି କଥାକୁ କେନ୍ଦ୍ରକରି ସୁମିତ୍ରା ସହିତ ଝଗଡା କରିଥିଲେ। ଝଗଡାରେ ଉତ୍ତେଜିତ ହୋଇ ଏକ ଚାପଡ଼୍‌ରେ ପଛ ପଟରୁ ସୁମିତ୍ରାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ସୁମିତ୍ରାଙ୍କ ମୁଣ୍ଡରେ ଶକ୍ତ ଆଘାତ ହେବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକ ଜାଣିବା ପରେ ସୁମିତ୍ରାଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସିତ କରାଉଛନ୍ତି। ଏ ନେଇ ଚାମରା ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୩୬୮ ଛାତ୍ରୀଛାତ୍ର

ବଡ଼ଗାଁ, ୭।୧ (ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା' ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବଡ଼ଗାଁ ଉଚ୍ଚ ବିଦ୍ୟାଳୟରେ ୨୧୮ ଛାତ୍ରୀଛାତ୍ର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବଡ଼ଗାଁ ବ୍ଲକରେ ସମୁଦାୟ ୩୬୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତିମୁନି ସୁରେଣ୍ଡା ହରେନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା।

# କର୍ମଚାରୀ ଅଭାବ, ନିଯୁକ୍ତି ଦାବି



କୃଷି କାର୍ଯ୍ୟାଳୟ ଗେଟ୍ ଆଗରେ କର୍ମଚାରୀଙ୍କୁ ଅପେକ୍ଷା କରିଛନ୍ତି ଚାଷୀମାନେ।

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ସର୍ବାଧିକ ପରିବାର କୃଷି ଉପରେ ନିର୍ଭର କରନ୍ତି। ଖରିଫ ଓ ରବିଋତୁରେ ଚାଷ କରି ଲୋକେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। କୃଷି ସମ୍ବନ୍ଧିତ ଅନେକ ସରକାରୀ ଯୋଜନା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି। ଫଳରେ ବିଭିନ୍ନ କାମ ପାଇଁ ଗ୍ରାମାଞ୍ଚଳର ଯୁବା, ବୃଦ୍ଧ, ମହିଳାମାନେ କୃଷି କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଥିବା କୃଷି କାର୍ଯ୍ୟାଳୟ କିଛି ମାସ ହେଲା ପୂର୍ବାହ୍ନ ୧୧ ଟାରୁ ୧୧ଟା ୩୦ ମଧ୍ୟରେ ଖୋଲାଯାଉଛି। ଲୋକେ ୧୦ଟାରୁ ଅଫିସ୍ ଆଗରେ କର୍ମଚାରୀ ଆସିବା ପର୍ଯ୍ୟନ୍ତ ଜଗି ରହୁଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୧୫ ମିନିଟ ପର୍ଯ୍ୟନ୍ତ ମହପଡା ଗ୍ରାମର

- ୧୧ ପରେ ଅଫିସ୍ ଆସୁଛନ୍ତି କର୍ମଚାରୀ
- ସ୍ୱୀକାର କଲେ କୃଷି ଅଧିକାରୀ

ରାମ ଦୟାଲ କିଷାନ, ସୀତା ଦେଇ, ମୁଣ୍ଡେଗାଁର ସୁଷମା ବାଡ଼ା, ପୁଷ୍ପାଞ୍ଜଳି ସା, ପ୍ରଭାତୀ ଅଡା, ଲତିକା ସା, ପ୍ରତିମା ସା ପୂର୍ବାହ୍ନ ୧୦ ଟାରେ ଆସି ଅଫିସ୍ ଆଗରେ ଜଗି ରହିଥିଲେ। ସେମାନେ ଫାର୍ମର ଆଇଡି କରିବା ପାଇଁ ଆସିଥିବା ଓ ଘଣ୍ଟାଏ ହେଲା ଜଗି ରହିଥିଲେ ମଧ୍ୟ ଏଯାଏଁ କେହି ଜଣେ କର୍ମଚାରୀ ଆସି ନ ଥିବା ଆମ ପ୍ରତିନିଧିଙ୍କୁ ଜଣାଇଥିଲେ। ଫୋନ କଲା ପରେ ୧୧ଟା ୧୫ରେ ଜଣେ କର୍ମଚାରୀ ଆସି ଅଫିସ୍ ଖୋଲିଥିଲେ। ସେଠାରୁ ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରତିଦିନ କୃଷି କାର୍ଯ୍ୟାଳୟ ବିଳମ୍ବରେ ଖୋଲାଯାଉଥିବାରୁ କୃଷକମାନେ ଅଫିସ୍‌କୁ ଆସି ଦୀର୍ଘ ଘଣ୍ଟା ଅପେକ୍ଷା କରୁଥିବା ଅଭିଯୋଗ ଉପରେ ବଡ଼ଗାଁ କୃଷି ଅଧିକାରୀ ରିତୁରାଣୀ କାଲୋଙ୍କୁ ପଚାରିବାରୁ ସେ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଥିବା କହିଥିଲେ। ଏହା ସହିତ କର୍ମଚାରୀ ବିଳମ୍ବରେ ଅଫିସ୍ ଆସୁଥିବା ସ୍ୱୀକାର କରିଥିଲେ। ବଡ଼ଗାଁ କୃଷି କାର୍ଯ୍ୟାଳୟରେ ଓ୍ୱାଚର, ପିଅନ, ଓଭରସିୟର, ବିଏଓ ନ ଥିବା ଏବଂ ମାତ୍ର ଦୁଇ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ଥିବାରୁ ଏଭଳି ସମସ୍ୟା ଦେଖା ଦେଉଥିବା କହିଥିଲେ। କର୍ମଚାରୀ ଅଭାବକୁ ଯଥାଶୀଘ୍ର ପୂରଣ କରିବା ପାଇଁ କୃଷକ ମହଲରେ ଦାବି ହେଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।


GOVERNMENT OF ODISHA
OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA
No.C-1409
e-mail:eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-39/2024-25 DT. 02.01.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding From | To |
|---|---|---|---|---|---|---|---|
| 1 | Construction of Compound wall at 1 MLD OGR at BPL Colony, Paralakhemundi | EEPHDRAYAGADA-39/2024-25 Dtd.03.01.2025 | 23.46 | 'C' and 'B' Class | 03 (Three Months) | 10.01.2025 (11.00 Hr) | 24.01.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com ➔Further details can be seen from the e-Procurement portal "https://www.tendersorissa.gov.in".
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13052/11/0008/2425 Sd./- EXECUTIVE ENGINEER, P.H. DIVISION, RAYAGADA

No.F-150 : "Sealed tenders are invited from intending agencies/firms/printing press for printing of 47000 Nua Arunima Work Book I&II, Child Assessment Card, Picture/ Numeracy Book (Approximately) and delivery of the same at 12 ICDS Project points of the district. The tender documents should reach in the Office of the District Social Welfare Officer, Puri by Registered post or Speed post by 5 P.M. on dtd - 24.01.25 and the tender will be opened at 11.30 A.M. on dtd - 27.01.2025 in the office chamber of Collector, Puri in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay. The details regarding sample, colour/specification of the Kuni calendar should be of exact specifications as per the sample available in wcd.odisha.gov.in /www.wcdorissa.gov.in / & http://www.puri.nic.in. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these books should be redesigned or modified. The decision of the tender committee regarding acceptance /rejection of tender without assigning any reason thereon is binding."
OIPR-24014/11/0012/2425 Sd./- Collector, Puri

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, BHADRAK
E_mail:ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 07 of 2024-25
No.O-1057:1. Name of the Work: Roads. 2. Total No.of Works: 10 Nos. 3. Estimated Cost: Rs.8.47 Lakh to 16.95 Lakhs. 4. Class of Contractor: "D" & "C" Class. 5. Period of Completion: As per Annexure. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding From | To | Date of Seeking of Tender | Date & Time of Opening of Tender |
|---|---|---|---|---|---|
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-7 of 2024-25 | 09.01.25 At 11.00 A.M. | 18.01.25 Upto 4.00 P.M. | 18.01.25 At- 2.00 P.M. | 20.01.25 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in"
N.B. Transparency Lottery to be held on Dt.27.01.25 at 4.00 P.M. (If any changes it will be intimated)
Sd./- Er. Kanan Pradhan
OIPR-25060/11/0010/2425 Superintending Engineer, R.W. Division, Bhadrak

Government of Odisha "e" Procurement Notice
OFFICE OF THE DIVISIONAL FOREST OFFICER
DHENKANAL DIVISION, DHENKANAL
E-Procurement Bid Identification No.-09-DFO/DKL of 2024-25
No.MM-402: 1. Name of the Work: Construction of Wooden Krall for adult Bull, Elephant Open Moat with Hanging Solar System, EPT, Entry Gate, Camera System, Observation Tower for Wooden Kraal and Open Moat and Treatment Kraal for Juvenile and Calf Elephant at Kapilash Rescue Centre of Dhenkanal Forest Division. 2. Estimate Cost: Rs.1,03,51,731/- (Approximate). 3. Period of Completion: 2 Months. 4. Date & Time of availability of the Bid documents in the portal : From 10.00 AM of 06.01.2025 to 5.00 PM of 16.01.2025. 5. Last date/time of receipt of the bid in portal: 16.01.2025 upto 5.00 P.M. 6. Date of Opening: 17.01.2025 at 11.00 AM. 7. Class of Contractor: "B" & "A" Class Contractor. 8. Name and address of the office: Office of the Divisional Forest Officer, Dhenkanal Division, Dhenkanal. Further details can be seen from the e-procurement portal "https://tendersodisha.gov.in.
Sd./- Divisional Forest Officer, Dhenkanal Division
OIPR-08037/11/0010/2425

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
No.O-1158
email: ccerwcrayagada@gmail.com
E-Procurement Notice for PMGSY maintenance works
1. Name of the Work: Periodical Renewal work including 5 year routine maintenance for the 5 year completed post DLP PMGSY Road (15 Nos.). 2. Class of Contractor: "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.108.40 Lakhs to Rs.369.95 Lakhs (Approximately). 4. Details Projects as per Annexure attached:

| Procurement Officer | Bid Identification No. | Availability of tender online for bidding From | To | Last date and time of seeking tender clarification | Date & Time of Opening of Tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | CCERW-CRGD- On-line-03/2024-25 | 10.01.2025 at 11.00 A.M. | 24.01.2025 upto 5.00 P.M. | 22.01.2025 upto 2.00 P.M. | 27.01.2025 at 11.00 A.M. | To be intimated separately |

5.The details of works can be seen from the website https://www.pmgsytenders.gov.in for PMGSY maintenance works.
6. Any Corrigendum/Addendum will be displayed in the above e-tender website.
OIPR-25196/11/0003/2425 Sd./- Chief Construction Engineer, Rural Works Circle, Rayagada

SECTION - 1
GOVERNMENT OF ODISHA
OFFICE OF THE PANCHAYAT SAMITI
KRUSHNAPRASAD, PURI
Email : ori-krushnaprasad@nic.in
NOTICE INVITING TENDERS FOR THE WORK
NATIONAL COMPETITIVE BIDDING THROUGH
e-Procurement
Identification No. KRUSHNAPRASAD.03/2024-25
No.i-403 : The OFFICE OF THE PANCHAYAT SAMITI, KRUSHNAPRASAD, PURI, ODISHA on behalf of Governor of Odisha invites Percentage Rate Bids through e-Procurement in conformity with the terms and conditions of the Detailed Tender Call Notice (DTCN) in Single Bid system from Class of Contractors as mentioned in Col.6 of table registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil Works requirements given in the DTCN on Percentage Rate Bids to be eventually drawn up in the standard P1 Contract Form. The bid should be submitted on-line in the website www.tendersodisha.gov.in by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| | | |
|---|---|---|
| 1 | Name of the Works | Const. of 4 Nos. of ACR of DR M.M.M High School, Nandala, Ramlenka GP |
| 2 | No. of Work | 01 |
| 3 | Estimated Cost | 36,97,033/- |
| 4 | Period of Completion | 120 days |
| 5 | Date and Time of Availability of Bid documents in the Portal | From Dt. 31.12.2024 at 11.00 hrs to Dt. 13.01.2025 up to 17.00 hrs. |
| 6 | Last Date/Time of receipt of Bids in the Portal | Dt.13.01.2025 upto 17.00 hrs. |
| 7 | Date of Opening of Bids | Dt.15.01.2025 12.00 P.M. onwards |
| 8 | Name and Address of the OIT | Office of the Panchayat Samiti, Krushnaprasad, Puri, Odisha |

Sd./-
Block Development Officer
OIPR-19428/11/0003/2425 Krushnaprasad, Puri

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-04/2024-25
No.O-1157:1. Name of Works: Road Works (As per annexure). 2. Total No. of Work: 9 Nos. 3. Estimated Cost: Rs.5.03 Lakhs to Rs.25.17 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding From | To | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| Additional Chief Engineer, Rural Works Division, Kesinga | RWKSNG- online-04/ 24-25 | 06.01.2025 at 14.00 P.M. | 15.01.2025 upto 17.00 P.M. | 10.01.2025 upto 11.00 A.M. | 16.01.2025 at 11.00 P.M. |

Further details can be seen from the Website i.e. www.tenderodisha.gov.in
Sd./- Additional Chief Engineer
OIPR-25153/11/0004/2425 Rural Works Division, Kesinga

See Career Appointment on every Wednesday & Saturday

**ପିକେଏସ୍‌ଏସ୍ ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ଅଭିଯାନ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ପିକେଏସ୍‌ଏସ୍ ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଆରଟିଓଙ୍କ କାର୍ଯ୍ୟାଳୟରୁ ବିଟିଏମ୍ ବାଇପାସ୍ ପର୍ଯ୍ୟନ୍ତ ଏକ ରାଲି କରି ଚଳାଚଳମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ପରେ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ବିଷୟରେ ଏକ ପଥପ୍ରାନ୍ତ ନାଟକ ଆୟୋଜନ ହୋଇଥିଲା। ଏଥିରେ ଜିଲା ଆରଟିଓ, ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୈଳାସ ଚନ୍ଦ୍ର ପ୍ରଧାନ, ଅଧାପକ ପ୍ରସାନ୍ତ କୁମାର ସାହୁ, ଖଗେଶ୍ୱର ନାଏକ, ଲିଲିମା ରନବିଡା, ବର୍ଷା ରାଣୀ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ, ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୫ ପ୍ରସ୍ତୁତି


ବୈଠକରେ ସାଧାରଣତନ୍ତ୍ର ଦିବସ ଉପରେ ଆଲୋଚନା କରାଯାଉଛି।

ଦେବଗଡ଼,୭।୧(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ -୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ୍ ବିଲୁଙ୍ଗ ଆଗାମୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସରସ ସୁନ୍ଦରରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ୨୬ ତାରିଖ ପ୍ରାତଃ ୪.୩୦ ମିନିଟରେ ରାମଧୁନ, ସକାଳ ୭ଟାରେ ପ୍ରଭାତ ଫେରି, ସକାଳ ୭ରୁ ୭ଟା ୩୦ ମିନିଟ ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତକା ଉତ୍ତୋଳନ ଏବଂ ୮.୩୦ ମିନିଟରେ ଆନୁଷ୍ଠାନିକ ଜାତୀୟ ପତକା ଇନ୍ଦିରାଗାନ୍ଧି ଷ୍ଟାଡିୟମ୍‌ଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ପତକା ଉତ୍ତୋଳନ ସହ ଜାତୀୟ ସଙ୍ଗୀତ ଗାନ, ଚତୁର୍ଥ ଆଇଆର ବାଟାଲିୟନ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋଲିସ ବ୍ୟାଣ୍ଡ ଗ୍ରୁପ୍ ଦ୍ୱାରା ପତାକା ଉତ୍ତୋଳନ ପରେ ଜାତୀୟ ସଙ୍ଗୀତ ଗାନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲ୍ ଛାତ୍ରୀଛାତ୍ର ଓ ବିଭିନ୍ନ ଅନୁଷ୍ଠାନ ପରେଡ୍ ପୂର୍ବାହ୍ସ ପାଇଁ ଜାନୁଆରୀ ୨୨, ୨୩ ଓ ୨୪ ତିନି ଦିନ ରିଜର୍ଭ ପୋଲିସ୍ ଇନ୍ସପେକ୍ଟର ଓ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀଙ୍କ ପରେଡ୍ ପୂର୍ବାହ୍ସ ସକାଳ ୮ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ କରାଯିବ। ପ୍ରାଥମିକ, ମଧ୍ୟ-ଇଂରାଜୀ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାନୁଆରୀ ୧୫ ତାରିଖରେ ଓଡ଼ିଆ ବକ୍ତୃତା ଓ ଇଂଲିଶ ବକ୍ତୃତା, ୧୬ରେ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା, ୧୭ରେ ଚିତ୍ରାଙ୍କନ ପ୍ରତିଯୋଗିତା, ୧୮ରେ ଜଣାଅଜଣା ପ୍ରତିଯୋଗିତା, ୧୯ରେ ରଙ୍ଗୋଲି ଓ କୌତୁକ ପ୍ରତିଯୋଗିତା, ୨୦ ତାରିଖରେ ଦଳଗତ ଅଭିନୟ ଓ ମନୋ ଆକ୍ସନ କରାଯାଇ ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପରେଡ୍ ପଡ଼ିଆରେ ଆନୁଷ୍ଠାନିକ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳକୁ ବାଛି ନାମ ପଠାଇବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଙ୍କୁ ଉପକାରାଗାର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତିତ ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟମ ନିୟନ୍ତ୍ରଣ ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅପରାହ୍ନ ୨ଟାରେ ଜିଲା ପ୍ରଶାସନ ଓ ବାର ଆସୋସିଏଶନ ମଧ୍ୟରେ କ୍ରିକେଟ ମ୍ୟାଚ ହେବ। ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସନ୍ଧ୍ୟାରେ ଟାଉନ ହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚପରଦାର, ଉପଜିଲାପାଳ ପରକ୍ଷିତ ସାହୁ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ଖବରଦାତା, ବିଭିନ୍ନ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ସରପଞ୍ଚ ଗୁରୁତର, ୨ ଆହତ

କୋଲାବିରା,୭।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ସମାସିଂହା-ସୋଢାମାଲ ଭେଡେନ ନଦୀ ବ୍ରିଜ ଉପରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ କୋଲାବିରା ସରପଞ୍ଚ ଚେତାନନ୍ଦ ନଈ ଆହତ ହୋଇଛନ୍ତି। ଅନ୍ୟ ୨ଜଣ ଆହତ ହୋଇଥିବା ସୂଚନା ମିଳିଛି। କୋଲାବିରା ସରପଞ୍ଚ ନଈ ୨ଜଣଙ୍କୁ ବାଇକ୍‌ରେ ନେଇ ରେଙ୍ଗାଲିରୁ କୋଲାବିରାକୁ ଫେରୁଥିଲେ। ସମାସିଂହା-ସୋଢାମାଲ ମଝି ଭେଡେନ ନଦୀ ବ୍ରିଜ ଉପରେ ସାମନା ପଟେ ଯାଉଥିବା ଏକ ବାଇକ୍ ହଠାତ୍ ଅଟକିବାରୁ ପଛପଟୁ ଉକ୍ତ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ସାମାନାରେ ଥିବା ବାଇକ୍ ଆଗକୁ ବଢିଯାଇଥିଲା ଏବଂ ସେମାନେ ବାଇକ୍ ସହ ଛିଟିକି ପଡିଥିଲେ। ବ୍ରିଜ କାନ୍ଥରେ ସରପଞ୍ଚଙ୍କ ମୁଣ୍ଡ ବାଡେଇ ହେବା ସହ ସେ ଗୁରୁତର ଆହତ ହୋଇଥିଲେ ଏବଂ ସାଙ୍ଗରେ ଥିବା ସନ୍ୟାସିପାଲି ଗ୍ରାମର ଘନଶ୍ୟାମ ଚର୍ଡିଆ (୧୯) ଓ ଅଶୋକ ଚର୍ଡିଆ (୨୨) ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧର କରି କୋଲାବିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସରପଞ୍ଚଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ଜିଲା ଭାଜପାର ନୂତନ ମଣ୍ଡଳ ସଭାପତି, ପ୍ରତିନିଧିଙ୍କ ନାମ ଘୋଷଣା

ଝାରସୁଗୁଡ଼ା,୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଭାଜପାର ନୂତନ ମଣ୍ଡଳ ସଭାପତି ଓ ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସ୍ୱୀକୃତିକ୍ରମେ ଜିଲା ନିର୍ବାଚନ ଅଧିକାରୀ ଧ୍ରୁବେନ ସେନାପତି ଓ ଜିଲା ଉପ ନିର୍ବାଚନୀ ଅଧିକାରୀ ପ୍ରେମସେନ ରାଓ ଓ ପ୍ରବୀଣ ଫେଷ୍ଟୱାଲ ଜିଲାର ୧୧ମଣ୍ଡଳରୁ ୯ଟିର ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧିମାନଙ୍କ ନାମ ଘୋଷଣା କରିଛନ୍ତି। ଲଖନପୁର ମଣ୍ଡଳରୁ ବିକେଶ ସାହୁ ସଭାପତି ଓ ପ୍ରତିନିଧି ଭାବେ କ୍ଷିତିଭୂଷଣ ପଧାନ, ବଦବାହାଲ ମଣ୍ଡଳରୁ ରତ୍ନାକର ପ୍ରଧାନ ସଭାପତି ଓ ପ୍ରତିନିଧି ଭାବେ ବିଜୟ ସେଠ, ବେଲପାହାଡ ମ୍ୟୁନିସିପାଲିଟି ମଣ୍ଡଳରୁ ମୋନାଲିସା ମୋଦକ ସଭାପତି ଓ କୈଳାସ ଚନ୍ଦ୍ର ନାଇକ ପ୍ରତିନିଧି, ପକେଲପଡା ମଣ୍ଡଳରୁ ସଭାପତି ଭାବେ କୁଳମଣି କିଷାନ ଓ ପ୍ରତିନିଧି ଭାବେ ଗୋଲିକାଲ ଦଣ୍ଡସେନା, ରାଜପୁର ମଣ୍ଡଳରୁ ସଭାପତି ଭାବେ ସୁଶାନ୍ତ କିଷାନ ଓ ପ୍ରତିନିଧି ଭାବେ ପିଣ୍ଟୁ ସେଠ, ଲଇକେରା ମଣ୍ଡଳ ସଭାପତି ଭାବେ ଦୁତିଆ ଓରାମ ଓ ପ୍ରତିନିଧି ଭାବେ ବାସନ୍ତୀ ନାୟକ, ଝାରସୁଗୁଡ଼ା ଗ୍ରାମୀଣ ମଣ୍ଡଳ ସଭାପତି ଭାବେ ହେମରାଜ ସିଂ ଓ ପ୍ରତିନିଧି ଭାବେ ଗଙ୍ଗାଧର କର୍ଣ୍ଣା, ଓଡ଼େଶା ମ୍ୟୁନିସିପାଲିଟି ମଣ୍ଡଳ ସଭାପତି ଭାବେ ବିମଳେନ୍ଦୁ ଲୋହ ଓ ପ୍ରତିନିଧି ଭାବେ ଶ୍ୟାମ ସୁନ୍ଦର ପ୍ରଧାନ, ପଞ୍ଚଗାଁ ମଣ୍ଡଳ ସଭାପତି ଭାବେ ସୁଶାନ୍ତ ଚଇନି ଓ ପ୍ରତିନିଧି ଭାବେ ସଞ୍ଜୟ ଭୋଇଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଛି। ଜିଲା ଭାଜପା ପରିବାର ପକ୍ଷରୁ ସମସ୍ତ ନୂତନ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଦିଆଯାଇଛି।

# ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଜନ୍ମଦିବସ ପାଳିତ

ଝାରସୁଗୁଡ଼ା,୭।୧(ଆଶିଷ ରଞ୍ଜନ ଦାଶ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗୀୟ ନବ କିଶୋର ଦାସଙ୍କ ୬୩ତମ ଜନ୍ମତିଥି ପାଳନ କରାଯାଇଛି। ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ ଛକଠାରେ ଥିବା ସ୍ୱର୍ଗୀୟ ମନ୍ତ୍ରୀ ତଥା ଟାଣୁଆ ନେତା ନବ କିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ଜିଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ରବି ସିଂ, ରଘୁମଣି ପଟେଲ, ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହି, ପୱନ୍ ସିଂ ଯାଦବ, ପ୍ରତାପ ନନ୍ଦ, ପିଣ୍ଟୁ ପାଢୀ, ଅଶୋକ ଦାସ, ଜୟନ୍ତ ଦୀକ୍ଷିତ, ଦାମୋଦର ନାଥ, ବାସୁଦେବ ଭଇଂସା, ନୀଳାମ୍ବର ଡନସେନା, ଲାଲା ଶର୍ମା, ମଣ୍ଟୁ ପଣ୍ଡା, ଚିରଞ୍ଜିବୀ ପତି, ଏମଡି ଅର୍ଶଦ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଦିପା ନାଏକ, ନବନିତ କୋର, ଲକ୍ଷ୍ମୀ ଥାପା, ବେଲା ଥାପା, ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ବିଗତବର୍ଷ ମଧ୍ୟରେ ହୋଇଥିବା ରାସ୍ତା, ଶିକ୍ଷା, ସ୍ୱସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ



ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ପ୍ରଚେଷ୍ଟା ଝାରସୁଗୁଡ଼ାବାସୀ ଭଲ ଭାବେ ଜାଣନ୍ତି। ସ୍ୱର୍ଗୀୟ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ସମୟରେ ହୋଇଥିବା ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ଆଗେଇ ନେବା ଆହ୍ୱାନ ସହ କାର୍ଯ୍ୟକ୍ରମରେ ଶହ ଶହ କର୍ମୀ ସାମିଲ ହୋଇଥିଲେ।

# ନୂତନ ଅଦାଲତ କୋଠାର ଶିଳାନ୍ୟାସ

ଦେବଗଡ଼,୭।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଓ ବାରକୋଟଠାରେ ନିର୍ମିତ ହେବାକୁ ଥିବା ନୂତନ ଅଦାଲତ କୋଠା ପାଇଁ ଶିଳାନ୍ୟାସ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତୀ ଚକ୍ରଧାରୀ ଶରଣସିଂ ଏବଂ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟରେ ଏକକାଳୀନ ଏଗୁଡିକ ଶିଳାନ୍ୟାସ କରିଛନ୍ତି। ଆଭାସୀରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ଦେବଗଡ଼ ଜିଲା ଜଜ୍ ଗୌତମ ଶର୍ମା, ପରିବାର ଅଦାଲତ ଜଜ୍ ଅନୁପ କୁମାର ଚନ୍ଦନ, ଅତିରିକ୍ତ ଜିଲାଜଜ୍ ସନ୍ତୋଷ କୁମାର ନାୟକ, ସିଜେଏମ୍ ପ୍ରଶାନ୍ତ କୁମାର ବେହେରା, ସବଜଜ୍ ମନୋରଞ୍ଜନ ମିଶ୍ର, ରେଜଷ୍ଟ୍ରାର ବିଶ୍ୱଜିତ ମହାପାତ୍ର ଓ ଅନ୍ୟ ବିଚାରପତିମାନଙ୍କ ସମେତ ଜିଲା ଓକିଲ ସଂଘ ସଭାପତି, ସମ୍ପାଦକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରିଆମାଳ ଓ ବାରକୋଟଠାରେ ଜେଏମ୍‌ଏଫ୍‌ସି କୋର୍ଟ ଦ୍ୱୟ ରାଜସ୍ୱ ବିଭାଗ ଦ୍ୱାରା ପ୍ରଦତ ଅସ୍ଥାୟୀ କୋଠାରେ ଚାଲିଛି। ସ୍ଥାୟୀ ଭାବେ ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପନ୍ନ ନିଜସ୍ୱ କୋଠା ନିର୍ମାଣ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟ, ଜିଲା ନ୍ୟାୟିକ ବିଭାଗ ଓ ଜିଲା ପ୍ରଶାସନର ସହାୟତାରେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତୀ ରିଆମାଳଠାରେ ୪ଟି ପ୍ରକଳ୍ପ ଓ ବାରକୋଟରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିବା ସହ ଏହାଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବ ବୋଲି ସେ ପ୍ରକାଶ କରିଥିଲେ।

# ୬୫ତମ ମକରଯାତ୍ରା ମହୋତ୍ସବର ପ୍ରସ୍ତୁତି

**ରାଧା କୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନି**

ବ୍ରଜରାଜନଗର,୭।୧(ବିଜୟ ବରାଡ଼)

ପ୍ରତିବର୍ଷ ପରି ଚଳିତବର୍ଷ ରାଧାକୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନିର ଉଦ୍ୟମରେ ଆସନ୍ତା ୧୩ ରୁ ୧୫ ପର୍ଯ୍ୟନ୍ତ ୬୫ତମ ମକର ଯାତ୍ରା ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଭଗବାନ ହରି ଓ ହରଙ୍କ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ରଥ ନିର୍ମାଣର ମୁଖ୍ୟ ବଢେଇ ଉମେଶ ଚନ୍ଦ୍ର ପ୍ରଧାନ ଥିବା ବେଳେ ସହଯୋଗୀ ଭାବେ ମହେନ୍ଦ୍ର ନାଏକ, ଚୈତନ୍ୟ ପ୍ରଧାନ, ନିରାକାର ପ୍ରଧାନ ପ୍ରମୁଖ କାର୍ଯ୍ୟରତ ଅଛନ୍ତି। ଭଗବାନ ହରି ରାଜପୁର କଟାପାଲି ଓ ଭଗବାନ ହର ହଂସାମୁରା କଟାପାଲିରୁ ଯାତ୍ରା କରି ଖଲିଆକାନିରେ ୧୩ ତାରିଖ ସନ୍ଧ୍ୟାରେ ପହଞ୍ଚିବେ। ୧୪ ତାରିଖ ମକର ସଂକ୍ରାନ୍ତି ଦିନ ପୂଜାର୍ଚ୍ଚନା ହୋଇ ଭଗବାନ ହରି ଓ ହର ରଥାରୋହଣ ହେବେ ଓ ମକର ମିଳନ ପଡିଆକୁ ଯାତ୍ରା କରିବେ। ସନ୍ଧ୍ୟା ପୂର୍ବରୁ ଭଗବାନ ହରି ଓ ହରଙ୍କ ମହା ମଳନ ପରେ ହରିଲୁଟ ପ୍ରସାଦ ବଣ୍ଟନ ହୋଇ ମହୋତ୍ସବର ସଂକ୍ଷିପ୍ତ ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଏହି ମହୋତ୍ସବର ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପ୍ରାଧାପକ ତପନ କୁମାର ବାରିକ, ଝାରସୁଗୁଡ଼ା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ସରକାରୀ ଆଇନଜୀବୀ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଭଗବାନ ହରି ଓ ହରଙ୍କ କର୍ତ୍ତା ଭାବେ ଡିଲେଶ୍ୱର ବିଶି ଓ ରାମଚନ୍ଦ୍ର ବାରିକ ଅଛନ୍ତି। ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ପ୍ରମୁଖ ବ୍ୟକ୍ତି ବିଶେଷ ସ୍ୱର୍ଗତ ଝାରୁ ପ୍ରଧାନ, ଡ଼ାକ୍ତର ଦୀପ୍ତି ନାଏକ ଓ ଖବରଦାତା ରିତେଶ କୁମାର ଶର୍ମା ସମ୍ବର୍ଦ୍ଧିତ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲଖନପୁର ବ୍ଲକ୍ ପଣ୍ଡରି, ଝାରସୁଗୁଡ଼ା ବ୍ଲକର ଖମନ ଗ୍ରାମର ସଂପ୍ରଦା ମଣ୍ଡଳୀ, ବରଗଡ଼ର କଳାଜିବି ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ ଓ ମେଲୋଡି ପ୍ରଦର୍ଶନ କରିବେ ବୋଲି ପରିଷଦର ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ କହିଛନ୍ତି।

# ଅଣ୍ଡର ୧୭ ନକ୍‌ଆଉଟ କ୍ରିକେଟ: ବ୍ରଜରାଜନଗର ଆମ୍ବିସନ କ୍ଲବ ବିଜୟୀ

ଝାରସୁଗୁଡ଼ା,୭।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଭିଏସ୍‌ଏସ୍ ଷ୍ଟାଡିୟମଠାରେ ପ୍ରଥମ ଦିବାରାତ୍ରି ଅଣ୍ଡର ୧୭ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଆମ୍ବିସନ କ୍ଲବ ବ୍ରଜରାଜନଗର ଓ ଶିକ୍ଷା କ୍ରିକେଟ ଏକାଡ଼େମୀ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ପୁଲ୍ ବି'ର ପ୍ରଥମ ମ୍ୟାଚ୍‌ରେ ଜରାଜନଗର ଆମ୍ବିସନ କ୍ଲବ ବିଜୟୀ ହୋଇଛି। ଆମ୍ବିସନ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୧.୫ ଓଭରରେ ୧୦ ଉଇକେଟ୍ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଶିକ୍ଷା କ୍ରିକେଟ ଏକାଡ଼େମୀ ଦଳ ୧୬.୪ ଓଭରରେ ୧୦ ଉଇକେଟ ବିନିମୟରେ ମାତ୍ର ୭୦ ରନ ସଂଗ୍ରହ କରିଥିଲା। ଆମ୍ବିସନ କ୍ଲବ ଦଳ ୪୪ ରନରେ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ତପନ ଗୁପ୍ତା ୪ ଓଭରରେ ୧୭ ରନ ଦେଇ ୫ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅଶୋକ ସାଲୁଜା ଓ ସମ୍ମାନିତ ଅତିଥି ଭାବେ ଜିଲା ଆଥିଲେଟିକ ଆସୋସିଏଶନ ଉପସଭାପତି ବ୍ରିଜେଶ କୁମାର ଶର୍ମା ଯୋଗଦେଇଥିଲେ। ପରିଚାଳନା କମିଟି ପ୍ରଜ୍ଜ୍ୱଲ କୁମାର ପଟେଲ, ଟିଟୁ ପରିଡ଼ା, କମ୍ପାଉଣ୍ଡର ବେହେରା, ରବୀନ୍ଦ୍ର ସିଂହ, ରୋମାଞ୍ଚ ପଟେଲ, ଅଶୋକ କୁମାର ପ୍ରଧାନ ଯୋଗଦେଇଥିଲେ। ଜୟସିଂ ଓ ଗଣେଶ ମରେଇ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଦେବଗଡ଼,୭।୧(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ପରୀକ୍ଷିତ ସାହୁ ଯୋଗଦେଇ ଚଳିତବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଆମ ରାଜ୍ୟ ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଆମେ ଗର୍ବିତ ହେବା ସହ ଏହା ସର୍ବଭାରତସ୍ତରରେ ସ୍ମରଣୀୟ ହୋଇ ରହିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ମିହିର କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ତିଲେଇବଣି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ମଞ୍ଚ ସଂଯୋଜନା କରିଥିବା ବେଳେ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଧନ୍ୟବାଦ ପ୍ରଦାନ କରିଥିଲେ। ତିନୋଟି ବ୍ଲକରୁ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୟନ ହୋଇଥିବା ୪୨ଜଣ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଆ ଓ ଇଂଲିଶ ଭାଷାରେ ପ୍ରବନ୍ଧ, କୁଇଜ, ପୋଷ୍ଟର, ସ୍ଲୋ ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ବୁଢାପାଳ ମହାବିଦ୍ୟାଳୟ ଅଧ୍ୟାପକ ଡ଼ ଭାରତ ଭୂଷଣ ନନ୍ଦ, ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ପ୍ରଦୀପ କୁମାର ପାତ୍ର, ପିଣ୍ଟୁ ବେହେରା, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ନମିତା ନନ୍ଦ, ସ୍ମିତାରାଣୀ ପ୍ରଧାନ, ଭାଗ୍ୟଶ୍ରୀ ଗିରି, ଅନ୍ନଦା ମଞ୍ଜରୀ ସାହୁ, ସତ୍ୟପ୍ରକାଶ ମିଶ୍ର, ରାମକୃଷ୍ଣ ସାହୁ, ସୌମିତ୍ରୀ ମହାପାତ୍ର, ଭବାନୀ କାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


**GOVERNMENT OF ODISHA** No.C-1409

**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**

e-mail:eephd.rgda.od@nic.in, eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-39/2024-25 DT. 02.01.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Construction of Compound wall at 1 MLD OGR at BPL Colony, Paralakhemundi | EEPHDRAYAGADA -39/2024-25 Dtd.03.01.2025 | 23.46 | 'C' and 'B' Class | 03 (Three Months) | 10.01.2025 (11.00 Hr) | 24.01.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com** ❖Further details can be seen from the e-Procurement portal "https://www.tendersorissa.gov.in". ❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-13052/11/0008/2425 Sd./- EXECUTIVE ENGINEER, P.H. DIVISION, RAYAGADA

**No.F-150** : "Sealed tenders are invited from intending agencies/firms/printing press for printing of 47000 Nua Arunima Work Book I&II, Child Assessment Card, Picture/ Numeracy Book (Approximately) and delivery of the same at 12 ICDS Project points of the district. The tender documents should reach in the Office of the District Social Welfare Officer, Puri by Registered post or Speed post by 5 P.M. on dtd - 24.01.25 and the tender will be opened at 11.30 A.M. on dtd - 27.01.2025 in the office chamber of Collector, Puri in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay. The details regarding sample, colour/specification of the Kuni calendar should be of exact specifications as per the sample available in wcd.odisha.gov.in /www.wcdorissa.gov.in / & http://www.puri.nic.in. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these books should be redesigned or modified. The decision of the tender committee regarding acceptance /rejection of tender without assigning any reason thereon is binding."

OIPR-24014/11/0012/2425 Sd./- Collector, Puri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**

E_mail:ee_rwbdk@yahoo.com

"e" Procurement Notice for Road Works

Bid Identification No. Online Tender 07 of 2024-25

**No.O-1057:**1. Name of the Work: Roads. 2. Total No.of Works: 10 Nos. 3. Estimated Cost: Rs.8.47 Lakh to 16.95 Lakhs. 4. Class of Contractor: "D" & "C" Class. 5. Period of Completion: As per Annexure. 6. Type of Tender: Single Cover. 7. Other details:

